**ବିଶେଷ ସୂଚନା**

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ୱା ବିଜ୍ଞାନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା **whatsapp** ନମ୍ବରରେ ପଠାଇପାରିବେ କିମ୍ୱା ମେଲ୍ କରିପାରିବେ।

7735333804

odishanishabda@gmail.com



# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ

THE ODISHA NISHABDA

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda

odishanishabda

www.odishanishabda.com

epaper.odishanishabda.com

Vol–1 ■ Issue–8 ■ 20th-26th August 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୮ ■ ୨୦-୨୬ ଅଗଷ୍ଟ ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ■ ମୂଲ୍ୟ-୫.୦୦


## ବନ୍ୟା ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦଶସୂତ୍ରୀ ପ୍ୟାକେଜ ଘୋଷଣା

# ପ୍ରାରମ୍ଭିକ ୧୦୦୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ

- କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଅର୍ଥ କେବେ ପ୍ରତିବନ୍ଧକ ହେବ ନାହିଁ- ମୁଖ୍ୟମନ୍ତ୍ରୀ
- ପ୍ରଭାବିତ ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ କୃଷି ଇନପୁଟ୍ ସବ୍‌ସିଡି ସହାୟତା ପ୍ରଦାନ କରାଯିବ
- ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି,
- ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ଶମୋହନ ଚରଣ ମାଝୀ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଅନୁଧ୍ୟାନ କରିବା ପରେ ଆଜି ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ୟାକେଜ୍ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଘୋଷଣା କରାଯାଇଛି । ଚୂଡ଼ାନ୍ତ ଆକଳନ ପରେ ଏହି ସହାୟତା ପରିମାଣ ବୃଦ୍ଧି କରାଯାଇପାରେ ।

ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛନ୍ତି । ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ ।

ବନ୍ୟାର କାରଣ ସମ୍ପର୍କରେ ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ବର୍ଷା ପରିସ୍ଥିତି ଅତ୍ୟନ୍ତ ଅସ୍ୱାଭାବିକ ରହିଛି । ଜୁନ, ଜୁଲାଇ, ଅଗଷ୍ଟ- ଗତ ତିନି ମାସ ମଧ୍ୟରେ ୧୧୦୦ ମିଲିମିଟର'ରୁ ଅଧିକ ବର୍ଷା ହୋଇଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିମାଣ ସ୍ୱାଭାବିକ ବର୍ଷା ପରିମାଣରୁ ୩୪ ପ୍ରତିଶତ ଅଧିକ । ଗତ ୨୫ ବର୍ଷ ମଧ୍ୟରେ ଏଭଳି ସ୍ଥିତି କେବେ ବି ହୋଇ ନଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସଡକ ମାର୍ଗରେ ଯାଇ ପ୍ରଭାବିତ ଅଞ୍ଚଳରେ ବୋଟ୍ ଯୋଗେ ଓ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର କସପା ଓ ତରପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନଙ୍କୁ ଭେଟି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ରାମଚନ୍ଦ୍ରପୁର ସ୍କୁଲରେ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏହା ସହିତ ଭଦ୍ରକ ଜିଲ୍ଲାର ଦପାନାଆକାଣି ସ୍କୁଲ ସ୍ଥିତ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସୁବିଧା ଅସୁବିଧା, ବିଶେଷକରି ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

ଗଣମାଧ୍ୟମକୁ ଏହି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାରଙ୍କ ରିଲିଫ୍ ଓ ଅନ୍ୟାନ୍ୟ ସହାୟତା ବାବଦରେ ଜନସାଧାରଣ ସନ୍ତୁଷ୍ଟ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର । ଯେକୌଣସି ବିପର୍ଯ୍ୟୟ ଆସୁନା କାହିଁକି, ଆମେ ଲୋକଙ୍କ ସୁଖ ଦୁଃଖରେ ଅଛୁ ଓ ରହିବୁ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ବନ୍ୟାସ୍ଥିତି ଉପୁଜିଛି । ଏହି ୬ଟି ଜିଲ୍ଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଜିଲ୍ଲା ଗୁଡ଼ିକର ୭୪ଟି ବ୍ଲକର ୧୩୮୧ଟି ଗାଁ'ର ୯.୪୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ୫୫୦ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି । ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡିଆର୍‌ଏଏଫ୍, ୮ଟି ଏନ୍‌ଡିଆର୍‌ଏଫ୍ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ୧୦୦୦ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟରେ ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ କୃଷି ଇନପୁଟ୍ ସବସିଡି ସହିତ ବିଭିନ୍ନ ପ୍ରକାରର ସହାୟତା ବ୍ୟବସ୍ଥା କରାଯାଇଛି ।

୧ - ବନ୍ୟା ପ୍ରଭାବିତ ଚାଷୀମାନଙ୍କୁ କୃଷି ଇନପୁଟ୍ ସବ୍ସିଡି ବାବଦକୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ । ଏଥିରେ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ।

୨- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା DBT ମାଧ୍ୟମରେ ପ୍ରଦାନ କରାଯିବ । ସରକାରଙ୍କ ତରଫରୁ ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ଆବଶ୍ୟକୀୟ ବିହନ ଚାଷୀମାନଙ୍କୁ କିଣିବା ପାଇଁ ଉପଲବ୍ଧ କରାଯିବ ।

୩- କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ । ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫% ସବ୍ସିଡି ପ୍ରଦାନ କରାଯିବ ।

୪- କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

୫- ପ୍ରାଣିସମ୍ପଦ କ୍ଷତିର ଭରଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାବ୍ୟତୀତ ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ ।

୬- ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ ।

୭- ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ।

୮- ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲ ବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

୯- ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ ।

୧୦- ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ।

ଗଣମାଧ୍ୟମକୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲଙ୍କ ସହିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ ।

## କୁନି କୁନି ଛୁଆଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସ୍ନେହ

# ମନେ ପକାଇଦେଲା ନେହେରୁଙ୍କ କଥା



**ଭୁବନେଶ୍ୱର:** ୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଶିଶୁମାନଙ୍କ ପ୍ରତି ସ୍ନେହ ଓ ଆତ୍ମୀୟତାର ଦୃଶ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗାନ୍ଧୀ ମାର୍ଗରେ ସ୍ୱାଧୀନତା ଦିବସ ପାଳନ ସମୟରେ ମୁଖ୍ୟମନ୍ତ୍ରୀ କୁନି କୁନି ଛୁଆଙ୍କ ନିକଟକୁ ଯାଇ ସେମାନଙ୍କ ସହ ଆତ୍ମୀୟତାର ସହ କଥା ହେବା ସହ ଭଲପାଇବା ଓ ଆଶୀର୍ବାଦ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଏହି ସରଳ ଓ ମାନବିକ ଆଚରଣ ଦେଖି ଅନେକଙ୍କ ମନରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶିଶୁମାନଙ୍କ ପ୍ରତି ଥିବା ଅପାର ସ୍ନେହର ସ୍ମୃତି ତାଜା ହୋଇଛି। ଶିଶୁମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସହଜ ମିଶିଯିବାର ଭଙ୍ଗୀ ତାଙ୍କୁ ଜଣେ ସାଧାରଣ ଗୁରୁଜୀଙ୍କ ଭଳି ଆତ୍ମୀୟ କରି ତୋଳିଥିବା ମତ ପ୍ରକାଶ ପାଇଛି।

ଏହି ପ୍ରସଙ୍ଗରେ ମାୟରା ମହାନ୍ତିଙ୍କ ମାଆ ଗାନ୍ଧୀ ମାର୍ଗରେ ଗଣମାଧ୍ୟମକୁ ଦେଇଥିବା ମତାମତରେ ମୁଖ୍ୟମନ୍ତ୍ରୀଙ୍କ ଏହି ସରଳତା ଓ ଶିଶୁମାନଙ୍କ ପ୍ରତି ଭଲପାଇବାକୁ ପ୍ରଶଂସା କରିଛନ୍ତି। ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସାଧାରଣ ଲୋକଙ୍କ ଭଳି ଶିଶୁମାନଙ୍କ ନିକଟକୁ ଯାଇ ସ୍ନେହ ବାଣ୍ଟିବା ତାଙ୍କର ମାନବିକତାର ପରିଚୟ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ସରଳ, ସହଜ ଓ ଆତ୍ମୀୟ ବ୍ୟବହାର ଲୋକଙ୍କ ମନରେ ଏକ ସକାରାତ୍ମକ ଛାପ ସୃଷ୍ଟି କରିଛି। ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମାନବିକ ଚିତ୍ର ଓ ଶିଶୁମାନଙ୍କ ପ୍ରତି ତାଙ୍କର ସ୍ନେହ ଓଡ଼ିଶାବାସୀଙ୍କ ପାଇଁ ନିଶ୍ଚିତ ଭାବେ ଏକ ସୌଭାଗ୍ୟର ବିଷୟ ବୋଲି ମତ ପ୍ରକାଶ ପାଇଛି।

## ପୁଣି ଘୁଞ୍ଚିଲା ଡିଜିପି ନିଯୁକ୍ତି ଚୟନ ପ୍ରକ୍ରିୟା

# ସେପ୍ଟେମ୍ବର ୨ରେ ସୁପ୍ରିମକୋର୍ଟରେ ହେବ ପରବର୍ତ୍ତୀ ଶୁଣାଣି



**ନୂଆଦିଲ୍ଲୀ:** ସ୍ଥାୟୀ ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟଙ୍କ ଆଜିର ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଥିଲା। ଚୟନ ପ୍ରକ୍ରିୟା ପାଇଁ ଖଣ୍ଡପୀଠ ସବୁଜ ସଂକେତ ଦେବେ ନା ପୁଣି ଘୁଞ୍ଚାଇବେ, ସେ ନେଇ ରାଜନୈତିକ ଓ ପ୍ରଶାସନିକ ମହଲରେ ହଇଚମଟ ଲାଗି ରହିଥିଲା। ହେଲେ, ଆଜି ରାଜ୍ୟ ସରକାର ପକ୍ଷ ରଖିଥିଲେ ବି ପୁଣି ବଡ଼ ଝଟକା ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର ଆଜି ସୁପ୍ରିମକୋର୍ଟରେ ପକ୍ଷ ରଖିଛନ୍ତି। କିନ୍ତୁ ସର୍ବସମ୍ମୁଖରେ ତଥ୍ୟ ନରଖି ବନ୍ଦ ଲଫାପାରେ ପକ୍ଷ ରଖିଛନ୍ତି ଓଡ଼ିଶା ସରକାର। ଏଥିସହ ଖଣ୍ଡପୀଠ ମାମଲାର ଶୁଣାଣି କରି ଡିଜିପି ଚୟନ ପ୍ରକ୍ରିୟାକୁ ଘୁଞ୍ଚାଇ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨ରେ ହେବ। ଅର୍ଥାତ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଡିଜିପି ଚୟନ ପାଇଁ ୟୁପିଏସ୍‌ସି କମିଟି ବୈଠକ ବସିବ ନାହିଁ। କିମ୍ବା ଚୂଡ଼ାନ୍ତ ତାଲିକା ହୋଇପାରିବନି ପ୍ରସ୍ତୁତ। ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ୧୩ତାରିଖରେ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ଦେଇଥିଲେ। ୟୁପିଏସସିକୁ ଚୟନ ପ୍ରକ୍ରିୟା ସ୍ଥଗିତ ରଖିବା ପାଇଁ କହିଥିଲେ। ତଥ୍ୟ ରଖିବାକୁ ରାଜ୍ୟ ସରକାରଙ୍କୁ କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନୂଆ ଡିଜିପି ଚୟନ ପ୍ରକ୍ରିୟା ଅଟକିଯାଇଛି। କିନ୍ତୁ ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଥିବାରୁ ବାଧ୍ୟ ହୋଇ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ଦିଆଯାଇଛି। ହେଲେ, ଆଶା କରାଯାଉଥିଲା ଏହି ଶୁଣାଣି ପରେ ସ୍ଥାୟୀ ଡିଜିପି ଚୟନ ପାଇଁ ବାଟ ଫିଟିବ। କିନ୍ତୁ ତାହା ହୋଇପାରିନି। ରାଜ୍ୟ ସରକାର ଡିଜିପି ଚୟନ ବୈଠକ ପୂର୍ବରୁ ଏଡିଜି ଯଶୱନ୍ତ ଜେଠୱା ଓ ସଞ୍ଜୀବ ପଣ୍ଡାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ଏବଂ ୟୁପିଏସସିକୁ ପଠାଇଥିବା ସାନି ରିପୋର୍ଟରେ ସୁଧାଂଶୁ ଷଡ଼ଙ୍ଗୀ, ଆର୍‌ପି କୋଚେ ଓ ସଞ୍ଜୀବ ପଣ୍ଡାଙ୍କ ନାଁ ରହିଥିଲା। ଯାହାକୁ ବିରୋଧ କରି ସୁପ୍ରିମକୋର୍ଟରେ ହୋଇଥିଲା ଜନସ୍ୱାର୍ଥ ମାମଲା।

# ୮୦ତମ ସ୍ୱାଧୀନତା ଦିବସ: ଅଭିବାଦନ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ୮୦ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍ରେ ଅଭିବାଦନ ଗ୍ରହଣ କରିଥିଲେ ।

ଅନ୍ୟତମ ଅତିଥି ରୂପେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ପୁଲିସ ଡିଜି ଶ୍ରୀ ୱାଇ ବି ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଶ୍ରୀ ହେମନ୍ତ ଶର୍ମା, ଏନ୍‌ସିସି ଡିଡିଜି ଶ୍ରୀ ବିକ୍ରମ ସିଂ ଓ ଅନ୍ୟ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଜନତା ଉପସ୍ଥିତ ଥିଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଦେଶର ସ୍ୱାଧୀନତା ନିମନ୍ତେ ପ୍ରାଣବଳୀ ଦେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଃଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଥିବାବେଳେ ଏବେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟ ନିଃଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥି ସହ ଉପାନ୍ତ ଜିଲ୍ଲାରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ସହିତ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଏଗ୍ରି-ଷ୍ଟାକ୍ ପଞ୍ଜୀକରଣ ନେଇ ଚାଷୀଭାଇମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଗ୍ରି-ଷ୍ଟାକ୍ ପଞ୍ଜୀକରଣ ସହିତ ଧାନକିଣା ପାଇଁ ପି-ପାସ୍ ପଞ୍ଜୀକରଣର କୌଣସି ସମ୍ପର୍କ ନାହିଁ । ପି-ପାସ୍ରେ ପଞ୍ଜୀକରଣ ଦ୍ୱାରା ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ରାଜ୍ୟ ସରକାର ମଧ୍ୟ ଓଡ଼ିଶାର ସବୁ ଅଞ୍ଚଳକୁ ଯୋଡ଼ିବା ପାଇଁ ୩ଟି ପ୍ରମୁଖ ସଡ଼କ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଯୋଜନା କରିଛନ୍ତି । ବ୍ରହ୍ମପୁରରୁ ଜୟପୁର, ପାରଳାଖେମୁଣ୍ଡିରୁ ଆମ୍ବାଭୋନା ପର୍ଯ୍ୟନ୍ତ ନମୋ ଏକ୍ସପ୍ରେସ ୱେ ଏବଂ ମୋଟୁ ଠାରୁ ତିରିଙ୍ଗି ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ ୱେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ଏହି ତିନୋଟି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୩୧ ହଜାର କୋଟି ଟଙ୍କା ବିନିଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସରକାରୀ ଚାକିରି ପାଇଁ ଆବେଦନକାରୀଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବା ପାଇଁ ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ଥିବା ସର୍ବାଧିକ ୬ଟି ସୁଯୋଗକୁ ଉଠାଇ ଦେବା ନେଇ ଘୋଷଣା କରିଛନ୍ତି । ବର୍ତ୍ତମାନ ଏହି ପରୀକ୍ଷା ପାଇଁ ସର୍ବୋଚ୍ଚ ବୟସସୀମା ପର୍ଯ୍ୟନ୍ତ ସୁଯୋଗ ମିଳିବ ବୋଲି ସେ କହିଛନ୍ତି । ସେହିପରି ସରକାରୀ କର୍ମଚାରୀଙ୍କ ଦେହାନ୍ତ ପରେ ଅନୁକମ୍ପା ମୂଳକ ନିଯୁକ୍ତିରେ ଯେଉଁ କିଛି କଟକଣା ଥିଲା, ତାକୁ ମଧ୍ୟ କୋହଳ କରାଯାଇଛି। ସବୁ ପ୍ରାର୍ଥୀଙ୍କୁ ସମାନ ସୁଯୋଗ ଏବଂ ଦୁର୍ନୀତିମୁକ୍ତ ପରୀକ୍ଷା ପରିବେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ପରୀକ୍ଷାରେ ସାମାନ୍ୟତମ ତ୍ରୁଟି ବିଚ୍ୟୁତି ହେଲେ, ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## କାନ୍ଥ ଡ୍ରିଲ୍ କରୁ କରୁ କୋଟିପତି

# ବାହାରିଲା ୧୦୦ କୋଟିର ସୁନା



ବେଲଜିୟମ୍ ପୂର୍ବ ଫ୍ଲେଣ୍ଡର୍ସ ଅଞ୍ଚଳ । ଏକ ପୁରୁଣା ଘରର ମରାମତି କାମ ଚାଲିଥିଲା । କିଛି ଲେବର କାମରେ ଲାଗିଥିଲେ । ସିୱେଜ୍ ପାଇପ୍ କାମ କରିବାକୁ କାନ୍ଥ ଡ୍ରିଲିଂ ହେଉଥିଲା । ସବୁକିଛି ସାମାନ୍ୟ ଚାଲିଥିଲା । କିନ୍ତୁ ହଠାତ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ କାମ କରୁଥିବା ଲୋକେ । କାନ୍ଥ ଭିତରୁ ହଳିଦିଆ ରଙ୍ଗର କିଛି ଗଳି ପଡ଼ିଥିଲା । ଦେଖିଲା ବେଳକୁ କଏନ୍ । ସେମାନେ ଭାବିଥିଲେ ଏସବୁ ସାମାନ୍ୟ କଏନ୍ ହୋଇଥିବ କେଉଁଠି କେମିତି ରହିଯାଇଥିବା ଗଳିପଡ଼ିଲା । କିନ୍ତୁ ପୁଣି ଡ୍ରିଲିଂ କରିବା ବେଳକୁ ଯାହା ଦେଖିଲେ ନିଜ ଆଖିକୁ ବି ବିଶ୍ୱାସ କରିପାରିଲେନି ।

କାମ କରିବା ଲୋକଙ୍କ ଭିତରେ ଥିଲା ୧୮ ବର୍ଷର ଯୁବକ କୋବା, ଯିଏ ପଢ଼ା ଭିତରେ ସମର ୱାର୍କ କରୁଥିଲା । ତାକୁ ଲାଗିଲା ବୋଧେ ୧ ୟୁରୋର କଏନ୍ । କିନ୍ତୁ ଯେତେବେଳେ କାନ୍ଥ ଭିତରୁ ପୁଳା ପୁଳା ସୁନା କଏନ୍ ସହ ସୁନା ବିସ୍କୁଟ ବାହାରିଲା ସମସ୍ତେ ତୋବା ହୋଇଯାଇଥିଲେ, ଏସବୁର ମୂଲ୍ୟ ୧୦୦ କୋଟିରୁ ଅଧିକ ହେବ । ଆମକୁ ପ୍ରଥମେ ତ ଅବିଶ୍ୱାସ ଲାଗିଲା । ଆମେ ଚମକି ପଡ଼ିଥିଲୁ । କିନ୍ତୁ ଯେବେ ବାଲଟିଏ ପାଖାପାଖି ସୁନା କଏନ୍ ବାହାରିଲା ଲାଗିଲା ମାମଲା କିଛି ବଡ଼ ଧରଣର । ଏତେ ସବୁ ସୁନା କଏନ୍ , ସୁନା ବିସ୍କୁଟ ପାଖରେ ରଖିବା ସମ୍ଭବ ନଥିଲା । ତେଣୁ ପୁଲିସର ଜିମା ଦେଇଦେଲୁ । ନହେଲେ ଚୋରି ବୋଲି ଲୋକେ ଭାବିଥାନ୍ତେ' ।

ଯେଉଁ ପ୍ରପର୍ଟିରୁ ସୁନା ବାହାରିଛି ତାହା CAW Oost Vlaaanderen ନାମକ ଏକ ସଂସ୍ଥାର , ଯାହା ସମାଜ ସୁଧାର କାମ କରେ । ସଂସ୍ଥାର ନିର୍ଦ୍ଦେଶକ କହିଛନ୍ତି, ଏଭଳି ଖଜାନା ମିଳିଥିବା କଥା ତାଙ୍କୁ ବି ଆଶ୍ଚର୍ଯ୍ୟ କରିଛି । ଯଦିବ ଭିବଷ୍ୟତରେ ଆହୁରି କିଛି ଧନ ମିଳେ ତାହେଲେ ଏସବୁକୁ ସମାଜର କଲ୍ୟାଣ କାମରେ ଲଗାଯିବ । ତାଙ୍କ କହିବା ମୁତାବକ, ସଂସ୍ଥା ପାଖରେ ବହୁତ ଆବଶ୍ୟକତା ଅଛି । କାନ୍ଥ ଭିତରୁ ମିଳିଥିବା ସୁନା ନା ଲେବରଙ୍କର ନା ସଂସ୍ଥା ମାଲିକଙ୍କର । ଏହାର ଯଦି କେହି ଦାବିଦାର ଥାନ୍ତି ତାହେଲେ ୧୮୨୭ ଦିନ ଭିତରେ ଆସି ଦାବି କରିପାରିବେ । ନଚେତ୍ ନାଗରିକ ଆଇନ ଅନୁସାରେ, ଏହାର ମାଲିକାନା ପାଇଥିବା ସଂସ୍ଥାର ମାଲିକଙ୍କୁ ମଧ୍ୟରେ ବଣ୍ଟାଯିବ ।

# ଏଲ୍‌ପିଜି ଇ-କେୱାଇସି ମହଲତ ୨୩କୁ ବଢ଼ିଲା



**ନୂଆଦିଲ୍ଲୀ:** ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ପାଇଁ ଇ-କେୱାଇସି କରିବାର ଶେଷ ତାରିଖକୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ମହଲତ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଥିଲା । ତୈଳ କମ୍ପାନିଗୁଡ଼ିକର ସର୍ଭର ଡାଉନ୍ ରହିବା ଓ ମୋବାଇଲ୍ ଆପ୍ ଠିକ୍ ଭାବେ କାମ କରୁ ନଥିବା ଅଭିଯୋଗ ଆସିଛି । ଲୋକମାନେ ବାରମ୍ବାର ଉଦ୍ୟମ କରିବା ସତ୍ତ୍ୱେ ଭେରିଫିକେସନ କରିପାରୁନାହାନ୍ତି ।

ଦେଶର ବିଭିନ୍ନ ସ୍ଥାନରେ ଗ୍ୟାସ୍ ଏଜେନ୍ସିଗୁଡ଼ିକରରେ ଗ୍ରାହକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । ଘଣ୍ଟା ଘଣ୍ଟା ଠିଆ ହେବା ପରେ ଇ-କେୱାଇସି ହୋଇଯିବ ବୋଲି ମଧ୍ୟ କୌଣସି ଗ୍ୟାରେଣ୍ଟି ନାହିଁ । ଇ-କେୱାଇସି ପ୍ରକ୍ରିୟା ତେଲ କମ୍ପାନିଗୁଡ଼ିକର କେନ୍ଦ୍ରୀୟ ଡିଜିଟାଲ ଭିତ୍ତିଭୂମି ଓ ସର୍ଭରକୁ ଆଧାର କରି ଚାଲୁଛି । ସର୍ଭର ଡାଉନ୍ ହେଲେ ସେହି ଅନୁସାରେ ଆପ୍ ମଧ୍ୟ ମନ୍ଥର ହୋଇଯାଉଛି ।

# ନିଟ୍ ଆନ୍ଦୋଳନରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ଦିଲ୍ଲୀରେ ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ଆନ୍ଦୋଳନ କରୁଥିବା ଛାତ୍ରଙ୍କ ଉପରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଅଭିଯୋଗର ତଦନ୍ତ ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବେ ବୋଲି ପ୍ରକାଶ କରିଛନ୍ତି । ଏହି ପ୍ୟାନେଲରେ ଅବସରପ୍ରାପ୍ତ ବିଚାରପତି, ଜଣେ ପୂର୍ବତନ ଡିଜିପି, ଜଣେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଏବଂ ଅନ୍ୟ ସଦସ୍ୟମାନେ ସାମିଲ ହେବେ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍ ?ଚୀ ଏବଂ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, କମିଟିରେ ଅନ୍ୟ ସଦସ୍ୟଙ୍କୁ ସାମିଲ କରିବା ପାଇଁ ବିଭିନ୍ନ ପକ୍ଷଙ୍କ ଠାରୁ ପ୍ରସ୍ତାବ ମିଳିବା ପରେ ଏ ସମ୍ପର୍କିତ ଆଦେଶ ଜାରି କରାଯିବ । ଦିଲ୍ଲୀ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ବିକ୍ଷୋଭ ଶୋଭାଯାତ୍ରା ବେଳେ ଯେଉଁ ମହିଳା ଆନ୍ଦୋଳନକାରୀଙ୍କୁ ଟାର୍ଗେଟ କରାଯାଇଥିବା ଅଭିଯୋଗ ହୋଇଛି, ସେହି ସମସ୍ତ ଅଭିଯୋଗର ମଧ୍ୟ ଏହି ପ୍ୟାନେଲ ଯାଞ୍ଚ କରିବ ।

# 'ମାଓବାଦୀ ଦଳ'ରେ ପରିଣତ ହେଉଛି କଂଗ୍ରେସ : କିରଣ ରିଜିଜୁ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଦିମାଗୀ ନକ୍ସଲ' ମନ୍ତବ୍ୟକୁ ନେଇ ରାଜନୈତିକ ବିବାଦ ମଧ୍ୟରେ କଂଗ୍ରେସକୁ ଟାର୍ଗେଟ୍ ? କରିଛନ୍ତି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ । ମଙ୍ଗଳବାର ସେ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଏବେ 'ମାଓବାଦୀ ଓ ନକ୍ସଲଙ୍କ ଦଳ' ଭଳି ହେବାକୁ ଯାଉଛି । ତେବେ ମୋଦୀଙ୍କ 'ଦିମାଗୀ ନକ୍ସଲ' ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ବିରୋଧୀ ଦଳକୁ ଲକ୍ଷ୍ୟ କରି ଦିଆଯାଇନଥିଲା ବୋଲି ରିଜିଜୁ ସ୍ପଷ୍ଟ କରିଛନ୍ତି ।

ଅଗଷ୍ଟ ୧୫ରେ ଲାଲକିଲ୍ଲାରୁ ଦେଶକୁ ସମ୍ବୋଧନ କରିବା ବେଳେ ମୋଦୀ କହିଥିଲେ ଯେ ଜଙ୍ଗଲରେ ସକ୍ରିୟ ଥିବା ସଶସ୍ତ୍ର ନକ୍ସଲମାନଙ୍କୁ ବହୁ ପରିମାଣରେ ହଟାଯାଇଛି । କିନ୍ତୁ ଦେଶର ବିଭିନ୍ନ ଅଞ୍ଚଳରେ 'ଦିମାଗୀ ନକ୍ସଲ' ରହିଛନ୍ତି ଏବଂ ସେମାନଙ୍କୁ ଚିହ୍ନଟ କରି ହଟାଯିବା ଆବଶ୍ୟକ । ଏହି ମନ୍ତବ୍ୟ ପରେ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଇଥିଲେ । କଂଗ୍ରେସ ସାଂସଦ ପି. ଚିଦମ୍ବରମ୍ 'ଦିମାଗୀ ନକ୍ସଲ' ଶବ୍ଦକୁ ନେଇ ସାମାଜିକ ଗଣମାଧ୍ୟମରେ 'ମୁଁ ବି ଜଣେ ଦିବାଗୀ ନକ୍ସଲ ଓ ମୁଁ ଏଥିପାଇଁ ଗର୍ବିତ' ବୋଲି କହିଥିଲେ । ଏହାକୁ ନେଇ ରିଜିଜୁ ପ୍ରଶ୍ନ ଉଠାଇଛନ୍ତି । ଏଏନ୍‌ଆଇକୁ ଦେଇଥିବା ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ ମୋଦୀଙ୍କ ମନ୍ତବ୍ୟ କୌଣସି ନିର୍ଦ୍ଦିଷ୍ଟ ବିରୋଧୀ ଦଳ ପାଇଁ ନଥିଲା, କିନ୍ତୁ କଂଗ୍ରେସ ନେତାମାନେ ଏହାକୁ ନିଜ ଉପରକୁ ନେଇଛନ୍ତି ।

ରିଜିଜୁ ଅଭିଯୋଗ କରିଛନ୍ତି ଯେ ସୋନିଆ ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ସମୟର ଜାତୀୟ ପରାମର୍ଶଦାତା ପରିଷଦରେ ଏଭଳି ବିଚାରଧାରା ରଖୁଥିବା ଲୋକଙ୍କ ପ୍ରଭାବ ଥିଲା । ତାଙ୍କ ମତରେ, କଂଗ୍ରେସ ଏବେ ମାଓବାଦ ଆଡ଼କୁ ଆଗକୁ ବଢୁଛି । ରିଜିଜୁ 'ବିଚାରଧାରାଗତ ନକ୍ସଲବାଦ'ର ଉଦାହରଣ ଦେଇ ବିଚ୍ଛିନ୍ନତାବାଦୀ ମନୋଭାବ, ଧାରା ୩୭୦ ପୁନଃସ୍ଥାପନ ଦାବି ଏବଂ ଉତ୍ତର-ପୂର୍ବ ଭାରତକୁ ଦେଶଠାରୁ ପୃଥକ୍ କରିବା ଭଳି ଦାବିକୁ ଉଲ୍ଲେଖ କରିଛନ୍ତି ।

ରିଜିଜୁ ଏହି ପ୍ରସଙ୍ଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ୨୦୦୬ର ଏକ ମନ୍ତବ୍ୟକୁ ମଧ୍ୟ ଉଦ୍ଧୃତ କରିଛନ୍ତି । ସେତେବେଳେ ମନମୋହନ ସିଂହ ନକ୍ସଲବାଦକୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠାରୁ ବଡ଼ ଆହ୍ୱାନ ବୋଲି କହିଥିଲେ । ଅନ୍ୟପକ୍ଷରେ, କଂଗ୍ରେସ ଓ ଚିଦମ୍ବରମ୍ 'ଦିମାଗୀ ନକ୍ସଲ' ଶବ୍ଦକୁ ରାଜନୈତିକ ଅପମାନ ବୋଲି ଅଭିହିତ କରିଛନ୍ତି । ବିଜେପି ପୂର୍ବରୁ ବିରୋଧୀଙ୍କ ପାଇଁ 'ଅର୍ବାନ ନକ୍ସଲ', 'ଆନ୍ଦୋଳନଜୀବୀ' ଓ 'ଟୁକ୍‌ଡେ-ଟୁକ୍‌ଡେ ଗ୍ୟାଙ୍ଗ୍' ଭଳି ଶବ୍ଦ ବ୍ୟବହାର କରିଥିବା ଅଭିଯୋଗ କରି କଂଗ୍ରେସ ଏହି ନୂଆ ଶବ୍ଦକୁ ମଧ୍ୟ ସେହି ରାଜନୈତିକ କୌଶଳର ଅଂଶ ବୋଲି କହିଛି ।

# ଇମ୍ରାନଙ୍କୁ ଜେଲ୍‌ରୁ ମୁକ୍ତ କରି ହସ୍ପିଟାଲ ନେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ଇସଲାମାବାଦ: ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଖବର ଆସିଛି । ପାକିସ୍ତାନର ସୁପ୍ରିମକୋର୍ଟ ଜେଲ୍‌ରେ ଥିବା ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ଦଳ ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ) ଏବଂ ତାଙ୍କ ପରିବାରର ଦୀର୍ଘଦିନର ଦାବିର ଜବାବରେ ଏହି ନିର୍ଦ୍ଦେଶ ଦିଆଯାଇଛି । ଆଡିଆଲା ଜେଲରୁ ଇମ୍ରାନଙ୍କ ସାମ୍ପ୍ରତିକ ଡାକ୍ତରୀ ରିପୋର୍ଟକୁ ନେଇ ଦଳ ଏବଂ ପରିବାର ଚିନ୍ତା ପ୍ରକାଶ କରିଥିଲେ । ପିଟିଆଇ ମୁଖପାତ୍ର ନଇମ ହାଇଦର ପଞ୍ଜୁଥାଙ୍କ ଅନୁଯାୟୀ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଇମ୍ରାନ ଖାନଙ୍କୁ ୪୮ଘଣ୍ଟା ମଧ୍ୟରେ ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯିବ ଏବଂ ୧୬ ସେପ୍ଟେମ୍ବର ପର୍ଯ୍ୟନ୍ତ ସେ ସେଠାରେ ରହିବେ । କୋର୍ଟ ଇମ୍ରାନ ଖାନ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ସାପ୍ତାହିକ ବୈଠକ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଆଦେଶରେ କୁହାଯାଇଛି ଯେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ମୂଲ୍ୟାଙ୍କନ ପାଇଁ ଏକ ମେଡିକାଲ ବୋର୍ଡ ଗଠନ କରାଯିବ, ଯେଉଁଥିରେ ଇମ୍ରାନଙ୍କ ବ୍ୟକ୍ତିଗତ ଡାକ୍ତର ଏବଂ ତାଙ୍କ ଭଉଣୀ ଡାକ୍ତର ଉଜମା ଖାନ ରହିବେ ।କୋର୍ଟ ଇମ୍ରାନ ଖାନଙ୍କ ଆଇନଜୀବୀ ଏବଂ ତାଙ୍କ ପରିବାରକୁ ମେଡିକାଲ ରିପୋର୍ଟ ଗଣମାଧ୍ୟମ ସହିତ ସେୟାର ନକରିବାକୁ କିମ୍ବା ଏହି ପ୍ରସଙ୍ଗକୁ ରାଜନୀତିକରଣ ନକରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

କ୍ରିକେଟରରୁ ରାଜନେତା ହୋଇଥିବା ୭୩ ବର୍ଷୀୟ ଇମ୍ରାନ ଖାନ ଅଗଷ୍ଟ ୨୦୨୩ ରୁ ଜେଲରେ ଅଛନ୍ତି । ତାଙ୍କୁ ଅନେକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି, କିନ୍ତୁ ସେ ଦାବି କରିଛନ୍ତି ଯେ ୨୦୨୨ ରେ ତାଙ୍କୁ କ୍ଷମତାରୁ ହଟାଇବା ପରେ ରାଜନୈତିକ କାରଣରୁ ଏହି ମାମଲାଗୁଡ଼ିକ ଦାୟର କରାଯାଇଥିଲା ।

ଗତ ବର୍ଷଠାରୁ, ଇମ୍ରାନ ଖାନଙ୍କ ପୁଅ ତାଙ୍କ ଅବନତିଶୀଳ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବାରମ୍ବାର ଚିନ୍ତା ପ୍ରକାଶ କରିଛନ୍ତି । ତାଙ୍କ ଆଇନଜୀବୀ କହିଛନ୍ତି ଯେ, ଜେଲରେ ଥିବା ସମୟରେ ତାଙ୍କ ଡାହାଣ ଆଖି ଖରାପ ହୋଇଯାଇଥିଲା । ପୂର୍ବତନ ପାକିସ୍ତାନ ରାଷ୍ଟ୍ରପତି ଆରିଫ ଆଲଭିଙ୍କ ସମେତ ଅନ୍ୟମାନେ ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ।


ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ, ଆଲଭି କହିଛନ୍ତି, ସେ ଇମ୍ରାନଙ୍କ ମେଡିକାଲ୍ ରିପୋର୍ଟ ଦେଖିଛନ୍ତି । ସେଗୁଡ଼ିକ ବେଶ୍ ଚିନ୍ତାଜନକ ରହିଛି ।ସେ ଲେଖିଛନ୍ତି, ମୁଁ ଏହି ରିପୋର୍ଟଗୁଡ଼ିକୁ ଅନେକ ବିଶେଷଜ୍ଞଙ୍କ ସହିତ ସମୀକ୍ଷା କରିଛି ଏବଂ ଏହାକୁ ସରଳ ଭାଷାରେ ଲେଖୁଛି ଯାହା ଦ୍ୱାରା ପ୍ରତ୍ୟେକ ପାକିସ୍ତାନୀବୁଝିପାରିବେ ଯେ କ'ଣ ଘଟୁଛି । ସେ ଆହୁରି କହିଛନ୍ତି ଯେ ସେ ଇମ୍ରାନ ଖାନଙ୍କ ଚିନ୍ତା, ଦ୍ରୁତ ହୃଦସ୍ପନ୍ଦନ ଏବଂ ଉଚ୍ଚ ରକ୍ତଚାପ ବିଷୟରେ ସବୁଠାରୁ ଅଧିକ ଚିନ୍ତିତ । ସେ କହିଛନ୍ତି ଯେ ରିପୋର୍ଟରେ ଅନିଦ୍ରା ବିଷୟରେ ଉଲ୍ଲେଖ କରାଯାଇ ନାହିଁ, କିନ୍ତୁ ତାଙ୍କୁ ଦିଆଯାଉଥିବା ଔଷଧ ଏହା ସୂଚିତ କରୁଛି । ସେ କହିଛନ୍ତି, ମୁଁ ଇମ୍ରାନ ଖାନଙ୍କୁ ୩୫ ବର୍ଷରୁ ଅଧିକ ସମୟ ଧରି ଜାଣିଛି । ଚାପ କେବେ ତାଙ୍କର ଦୁର୍ବଳତା ହୋଇନାହିଁ । ବର୍ତ୍ତମାନ ତାଙ୍କର ଚାପ ଶୀର୍ଷରେ ପହଞ୍ଚିବାର କାରଣ ପଛରେ ତିନି ବର୍ଷର ଜେଲ୍ ଏବଂ ସମ୍ପୂର୍ଣ୍ଣ ଏକୁଟିଆ ରହିଥିବାର ପ୍ରଭାବକୁ ଦର୍ଶାଉଛି ।

## ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲା

# ଏସଆଇଟି ତଦନ୍ତରେ ଚମ୍ପତ ରାୟ ଓ ଅନିଲ ମିଶ୍ରାଙ୍କୁ କ୍ଲିନ୍ ଚିଟ୍

**ଅଯୋଧ୍ୟା:** ବହୁଚର୍ଚ୍ଚିତ ଅଯୋଧ୍ୟାର ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାର ତଦନ୍ତ ଜାରି ରହିଛି । ତେବେ ଏହି ଘଟଣାରେ ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ରାଜ୍ୟ ସରକାରଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିଥିବା ଜଣାପଡିଛି । ରିପୋର୍ଟ ଯାଞ୍ଚ କରିବା ପରେ ଗୃହ ବିଭାଗ ଏହାକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ଉପଲବ୍ଧ କରାଇଛି । ତେବେ ସୂତ୍ର ଅନୁସାରେ, ଚୂଡ଼ାନ୍ତ ରିପୋର୍ଟରେ ରାମ ମନ୍ଦିର ଟ୍ରଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ କ୍ଲିନ୍ ଚିଟ୍ ଦିଆଯାଇଛି । ଏହା ମଧ୍ୟ କୁହାଯାଉଛି ଯେ ଟ୍ରଷ୍ଟ ସଦସ୍ୟ ଡକ୍ଟର ଅନିଲ ମିଶ୍ରାଙ୍କ ବିରୁଦ୍ଧରେ ମଧ୍ୟ କୌଣସି ଅଭିଯୋଗ ଦାଖଲ ହୋଇନାହିଁ ।

ଗତ ଜୁନ୍ ୧୩ ତାରିଖରେ ସରକାର ଲକ୍ଷ୍ନୌ ଡିଭିଜନାଲ କମିଶନର ବିଜୟ ବିଶ୍ୱାସ ପନ୍ତଙ୍କ ନେତୃତ୍ୱରେ ଏକ ତିନି ସଦସ୍ୟ ବିଶିଷ୍ଟ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରିଥିଲେ । ଏଥିରେ ଆଇଜି ରେଞ୍ଜ କିରଣ ଏସ୍.



ଏବଂ ସ୍ୱତନ୍ତ୍ର ସଚିବ ଅର୍ଥ ନୀଳ ରତନ କୁମାରଙ୍କୁ ସଦସ୍ୟ ଭାବରେ ନିଯୁକ୍ତ କରାଯାଇଥିଲା । ତଦନ୍ତ ସମୟରେ, ଦଳ ପ୍ରସ୍ତାବରେ ସାମିଲ ଥିବା ବ୍ୟକ୍ତିବିଶେଷଙ୍କ ତଥ୍ୟ, ଡକ୍ୟୁମେଣ୍ଟ ଏବଂ ବୟାନ ଯାଞ୍ଚ କରିଥିଲା । ଏହାପରେ ଏସଆଇଟି ଜୁନ୍ ୨୩ ତାରିଖରେ ସରକାରଙ୍କୁ ତାଙ୍କର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରିଥିଲା । ପ୍ରାରମ୍ଭିକ ରିପୋର୍ଟରେ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିଲା । ଏହି ରିପୋର୍ଟ ଆଧାରରେ, ଜୁନ୍ ୨୫ ତାରିଖରେ ରାମ ଜନ୍ମଭୂମି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଥିଲା । ଟ୍ରଷ୍ଟ ସଦସ୍ୟ କୃଷ୍ଣମୋହନଙ୍କ ଅଭିଯୋଗ ଉପରେ ଦାଖଲ ହୋଇଥିବା ଏହି ମାମଲାରେ ଏକାଧିକ ବ୍ୟକ୍ତିବିଶେଷଙ୍କୁ ଅଭିଯୁକ୍ତ ଭାବେ ନାମିତ କରାଯାଇଥିଲା । ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ପ୍ରାଥମିକ ରିପୋର୍ଟ ଆଧାରରେ, ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଦାନରେ ଅନିୟମିତତା ସମ୍ପର୍କରେ ଅଭିଯୋଗ ଆସିବା ପରେ, ଚମ୍ପତ ରାୟ ଏବଂ ଅନିଲ ମିଶ୍ରାଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଥିଲା । ତେବେ ବିବାଦ ମଧ୍ୟରେ, ଉଭୟ ଟ୍ରଷ୍ଟର ପଦବୀରୁ ଇସ୍ତଫା ଦେଇଥିଲେ । କିନ୍ତୁ ଏବେ, ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏସଆଇଟି ରିପୋର୍ଟରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ ନ ଥିବାରୁ ସେମାନଙ୍କୁ ଆଶ୍ୱସ୍ତି ମିଳିଛି ।

# ଫାଶୀ ବଦଳରେ ଇଞ୍ଜେକ୍ସନ ବ୍ୟବହାର କରାଯାଇପାରେ କି ?: ସୁପ୍ରିମକୋର୍ଟଙ୍କ ନା



ନୂଆଦିଲ୍ଲୀ: ଭାରତରେ ଫାଶୀ ଦଣ୍ଡ ଦ୍ୱାରା ମୃତ୍ୟୁଦଣ୍ଡର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି । ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ମୃତ୍ୟୁଦଣ୍ଡର ଏକ କମ୍ ଯନ୍ତ୍ରଣାଦାୟକ ବିକଳ୍ପ ପଦ୍ଧତି ପାଇଁ ଏକ ଆବେଦନକୁ ଖାରଜ କରି ଫାଶୀ ଦ୍ୱାରା ମୃତ୍ୟୁଦଣ୍ଡର ବିଦ୍ୟମାନ ଆଇନଗତ ବ୍ୟବସ୍ଥାକୁ ବଜାୟ ରଖିଛନ୍ତି । ଆବେଦନକୁ ଖାରଜ କରିବା ସମୟରେ, ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ଭାବନାକୁ ଖୋଲା ରଖିଛନ୍ତି ଯେ ଯଦି ଭବିଷ୍ୟତରେ, ଠୋସ୍ ଏବଂ ପ୍ରଭାବଶାଳୀ ଚିକିତ୍ସା କିମ୍ବା ବୈଜ୍ଞାନିକ ପ୍ରମାଣ ମିଳେ ଯେ, ଫାଶୀ ଅନାବଶ୍ୟକ ଯନ୍ତ୍ରଣାର କାରଣ ହୁଏ କିମ୍ବା ମାନବ ମର୍ଯ୍ୟାଦାର ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରେ, ତେବେ ଏହି ପ୍ରସଙ୍ଗକୁ ପୁଣି ଥରେ ଏହାର ସାମ୍ବିଧାନିକ ସମୀକ୍ଷା କରାଯାଇପାରିବ । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ କେନ୍ଦ୍ର ସରକାର ଚାହିଁଲେ, ମୃତ୍ୟୁଦଣ୍ଡର ବିକଳ୍ପ ପଦ୍ଧତିଗୁଡ଼ିକର ବ୍ୟାପକ ସମୀକ୍ଷା କରିବା ପାଇଁ ବିଶେଷଜ୍ଞଙ୍କ ଏକ କମିଟି ଗଠନ କରିପାରିବେ । ସୁପ୍ରିମକୋର୍ଟଙ୍କ ଅନୁଯାୟୀ, ବିଶେଷଜ୍ଞ କମିଟି ମୂଲ୍ୟାଙ୍କନ କରିପାରିବେ ଯେ କୌଣସି ବିକଳ୍ପ ପଦ୍ଧତି ଯନ୍ତ୍ରଣାକୁ କମ୍ କରିବା ଏବଂ ବ୍ୟକ୍ତିଙ୍କ ଗରିମା ରକ୍ଷା କରିବାର ସାମ୍ବିଧାନିକ ଉଦ୍ଦେଶ୍ୟକୁ ଭଲ ଭାବରେ ପୂରଣ କରିପାରିବ କି ନାହିଁ ।

ଆବେଦନକାରୀ ଏହି ପ୍ରସଙ୍ଗ ସହିତ ଜଡିତ ସୁପ୍ରିମକୋର୍ଟଙ୍କର ପୂର୍ବରୁ ତିନି ରାୟକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବାକୁ ମଧ୍ୟ ଆବେଦନ କରିଥିଲେ । ତେବେ ଖଣ୍ଡପୀଠ କହିଥିଲେ ଯେ ଏହି ରାୟଗୁଡ଼ିକୁ ଏକ ବୃହତ ଖଣ୍ଡପୀଠକୁ ପଠାଇବା ଦ୍ୱାରା ସମାଧାନ କରିବାର କେ ?ଣସି ପର୍ଯ୍ୟାପ୍ତ ଆଧାର ନାହିଁ । ଖଣ୍ଡପୀଠ ପୁରୁଣା ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୩୫୪ ଏବଂ ବର୍ତ୍ତମାନର ଭାରତୀୟ ଦଣ୍ଡ ସଂହିତାର ଧାରା ୩୯୩ ପରିପ୍ରେକ୍ଷୀରେ ମଧ୍ୟ ଆବେଦନକୁ ବିଚାର କରିଥିଲେ । ଜାନୁଆରି ୨୨ ତାରିଖରେ ସୁପ୍ରିମକୋର୍ଟ ଏହାର ଶୁଣାଣି ସମାପ୍ତ କରି ରାୟ ସଂରକ୍ଷିତ ରଖିଥିଲେ । ଆଇନଜୀବୀ ରିଷି ମାଲହୋତ୍ରାଙ୍କ ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଥିଲା । ସେ ଫାଶୀକୁ ଏକ ନିଷ୍ଠୁର ଏବଂ ଅମାନବୀୟ ମୃତ୍ୟୁଦଣ୍ଡ ପଦ୍ଧତି ବୋଲି ବର୍ଣ୍ଣନା କରିଥିଲେ । ଆବେଦନକାରୀ ଫାଶୀ ବଦଳରେ ଘାତକ ଇଞ୍ଜେକ୍ସନ ଦେବାକୁ ପରାମର୍ଶ ଦେଇଥିଲେ । କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଆଟର୍ଣ୍ଣି ଜେନେରାଲ କୋର୍ଟଙ୍କୁ ଜଣାଇଥିଲେ ଯେ ସରକାର ଏହି ପ୍ରସଙ୍ଗ ଉପରେ ବିଚାର କରିବା ପାଇଁ ଏକ କମିଟି ଗଠନ କରିଛନ୍ତି । ସୁପ୍ରିମକୋର୍ଟ ଆବେଦନକାରୀ ଏବଂ କେନ୍ଦ୍ର ସରକାରଙ୍କୁ ତିନି ସପ୍ତାହ ମଧ୍ୟରେ ସେମାନଙ୍କର ଲିଖିତ ଯୁକ୍ତି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

### ଅସନ୍ତୋଷ ପ୍ରକାଶ କରିଥିଲେ କୋର୍ଟ

ସୁପ୍ରିମକୋର୍ଟରେ ଦାୟର ହୋଇଥିବା ଏହି ଆବେଦନରେ ମୃତ୍ୟୁଦଣ୍ଡ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ଦାବି କରାଯାଇଥିଲା । ୧୫ ଅକ୍ଟୋବର ୨୦୨୫ରେ, ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏହାକୁ ପରିବର୍ତ୍ତନ କରିବାକୁ ଅନିଚ୍ଛୁକ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଶୁଣାଣି ସମୟରେ, ଦୋଷୀମାନଙ୍କୁ ଫାଶୀ କିମ୍ବା ଘାତକ ଇଞ୍ଜେକ୍ସନର ବିକଳ୍ପ ଦିଆଯାଇପାରିବ ବୋଲି ପରାମର୍ଶ ଦିଆଯାଇଥିଲା, କିନ୍ତୁ କେନ୍ଦ୍ର ସରକାର ତାଙ୍କ ସତ୍ୟପାଠରେ କହିଥିଲେ ଯେ ଏହା ବ୍ୟବହାରିକ ଭାବରେ ଅସମ୍ଭବ । କୋର୍ଟ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ କହିଥିଲେ ଯେ କେନ୍ଦ୍ର ସରକାର ସମୟ ସହିତ ବିକଶିତ ହେବାକୁ ଅନିଚ୍ଛୁକ ମନେ ହେଉଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ସୋନିଆ ମାଥୁର ଯୁକ୍ତି ଦେଇଥିଲେ ଯେ, ଏହି ମାମଲା ଏକ ନୀତିଗତ ନିଷ୍ପତ୍ତି ସହିତ ଜଡିତ । ବୁଧବାରର ଶୁଣାଣି ସମୟରେ, ବିଚାରପତି ସନ୍ଦୀପ ମେହେଟ୍ଟା ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ ମୌଖିକ ଭାବରେ ମନ୍ତବ୍ୟ ଦେଇଥିଲେ, ସମସ୍ୟା ହେଉଛି ଯେ ସରକାର ପରିବର୍ତ୍ତନ କରିବାକୁ ଇଚ୍ଛୁକ ନୁହନ୍ତି । ସେମାନେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଏହା ଏକ ପୁରୁଣା ପ୍ରକ୍ରିୟା ଏବଂ ସମୟ ସହିତ ସମାଜରେ ବହୁ ପରିବର୍ତ୍ତନ ହୋଇଛି ।

ଆବେଦନରେ ଫାଶୀ ଦେବାର ବିକଳ୍ପଗୁଡ଼ିକ ପରାମର୍ଶ ଦିଆଯାଇଛି, ଯେପରିକି ଘାତକ ଇଞ୍ଜେକ୍ସନ, ଗୁଳି, ବିଦ୍ୟୁତ ଆଘାତ, କିମ୍ବା ଗ୍ୟାସ୍ ଚାମ୍ବର, ଯାହା ଫଳରେ କିଛି ମିନିଟ୍ ମଧ୍ୟରେ ଦୋଷୀଙ୍କ ମୃତ୍ୟୁ ହୋଇପାରେ । ରିଷି ମାଲହୋତ୍ରାଙ୍କ ଦ୍ୱାରା ଦାୟର ଏହି ଜନସ୍ୱାର୍ଥ ମାମଲା ଫାଶୀକୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ, ଅମାନବୀୟ ଏବଂ ନିଷ୍ଠୁର ବୋଲି ବର୍ଣ୍ଣନା କରାଯାଇଛି । ଆବେଦନକାରୀ ସିଆରପିସିର ଧାରା ୩୫୪(୫) ଅନୁଯାୟୀ ଫାଶୀ ମୃତ୍ୟୁଦଣ୍ଡକୁ ଅସାମ୍ବିଧାନିକ ଘୋଷଣା କରିବାକୁ ଏବଂ ସମ୍ବିଧାନର ଧାରା ୨୧ ଅନୁଯାୟୀ ମର୍ଯ୍ୟାଦାଜନକ ମୃତ୍ୟୁର ଅଧିକାରକୁ ମୌଳିକ ଅଧିକାର ଭାବରେ ସ୍ୱୀକୃତି ଦେବାକୁ ଦାବି କରିଛନ୍ତି । ଆବେଦନରେ ଏହା ମଧ୍ୟ କୁହାଯାଇଛି ଯେ ଫାଶୀ ଦେବା ପାଇଁ ମୃତ୍ୟୁଦଣ୍ଡ ଘୋଷଣା କରିବାକୁ ପ୍ରାୟ ୪୦ ମିନିଟ୍ ସମୟ ଲାଗେ, ଯେତେବେଳେ ଗୁଳି କିମ୍ବା ଘାତକ ଇଞ୍ଜେକ୍ସନ ଏହି ପ୍ରକ୍ରିୟାକୁ ପ୍ରାୟ ୫ ମିନିଟ୍ ମଧ୍ୟରେ ସମାପ୍ତ କରିଥାଏ । ମାଲହୋତ୍ରା ମିଳିତ ଜାତିସଂଘର ଏକ ପ୍ରସ୍ତାବ ମଧ୍ୟ ଉଦ୍ଧୃତ କରିଥିଲେ ଯାହା ଉଲ୍ଲେଖ କରିଥିଲା ଯେ ମୃତ୍ୟୁଦଣ୍ଡ ଅତି କମ୍ ଯନ୍ତ୍ରଣାଦାୟକ ହେବା ଉଚିତ୍ ।

ଓଡ଼ିଶା ନିଶକ୍

# ୨୯ ପଞ୍ଚାୟତ ଜଳବନ୍ଦୀ, ୮୪ ଗ୍ରାମର ୧,୨୦,୭୨୦ ଲୋକ ବିପନ୍ନ

**●ଭଦ୍ରକରେ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ ●ବାରିପଦାରେ ଦବିଲା ରେଳଧାରଣା ●ଯାଜପୁରରେ ବନ୍ୟା ପରିଚାଳନାର ସମୀକ୍ଷା**

**ଭୁବନେଶ୍ୱର:** ଉତ୍ତର ଓଡ଼ିଶା ସମେତ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ସାଧାରଣ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ବନ୍ୟା ପରିସ୍ଥିତି ସଙ୍ଗିନ ହୋଇପଡ଼ିଛି। କେନ୍ଦୁଝର ଭୀମକୁଣ୍ଡରେ ବୈତରଣୀ ନଦୀର ଜଳସ୍ତର ବଢ଼ିଛି। ଜୁଡ଼ିଆ ଘାଟିରେ ପାହାଡ଼ରୁ ପଥର ଖସି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ତରପଦା ପଞ୍ଚାୟତରେ କାଣୀ ନଦୀର ବନ୍ଧ ଧସିଯିବା ପରେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଏବଂ ବନ୍ୟା ନେଇ ସତର୍କତା ଜାରି କରାଯାଇଛି।

ଭଦ୍ରକ ଜିଲ୍ଲା ଆଖୁଆପଦା ନିକଟରେ ବୈତରଣୀ ଓ ସାଳନ୍ଦୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ୍‌ର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ରାସ୍ତା ଉପରେ ପାଣି ଚାଲିବାରୁ ପ୍ରସିଦ୍ଧ ଆଖଣ୍ଡଳମଣି ପୀଠକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶ୍ରାବଣ ସୋମବାର ଥିବାରୁ କାଉଡ଼ିଆ ଏବଂ ସ୍ଥାନୀୟ ଲୋକେ ବିପଦସଙ୍କୁଳ ଭାବେ ପାଣି ସୁଅରେ ଯିବାଆସିବା କରୁଛନ୍ତି।

ବାଲେଶ୍ୱର ଜିଲ୍ଲା ବସ୍ତାରେ ଜଳକା ନଦୀର ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ। ବାସିଚକୁରାଇ ପଞ୍ଚାୟତର ପ୍ରାୟ ୧୦୦ଟି ଘରେ ପାଣି ପଶି ରହିଥିବାରୁ ଚୁଲି ଜଳିପାରୁ ନାହିଁ ଏବଂ ବ୍ୟାପକ ଚାଷଜମି ନଷ୍ଟ ହୋଇଛି। ଦେବଗିରି ପାହାଡ଼ରୁ ପ୍ରବଳ ପାଣି ଆସିବାରୁ ପଞ୍ଚଲିଙ୍ଗେଶ୍ୱର ପୀଠ ବନ୍ଦ ରହିଛି ଏବଂ ସେଠାରେ ୪ ଜଣ ପୂଜକ ଓ କର୍ମଚାରୀ ଫସି ରହିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପେଣ୍ଠପାଳ ପଞ୍ଚାୟତର ଏକ ଆଶ୍ରମ ବିଦ୍ୟାଳୟ ଚାରିପଟେ ବନ୍ୟାଜଳ ମାଡ଼ିଯିବାରୁ ହଷ୍ଟେଲରେ ଫସିଥିବା ପ୍ରାୟ ୩୦୦ ଛାତ୍ରଛାତ୍ରୀଙ୍କୁ ଅଗ୍ନିଶମ ବାହିନୀ ସୁରକ୍ଷିତ ଉଦ୍ଧାର କରିଛି।

ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ମଧ୍ୟ ବନ୍ୟା ଯୋଗୁଁ ସ୍ଥିତି ବେହାଲ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକ୍ ରୁକୁଡା ଡ୍ୟାମ୍ ପାଣି ଘେରରେ ଘାଟପୋଷ ଗ୍ରାମର ୧୭ଟି ପରିବାର ଜଳବନ୍ଦୀ ହୋଇ ରାସ୍ତା ଉପରେ ଆଶ୍ରୟ ନେଇଛନ୍ତି। ସେପଟେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ରାହ୍ମଣୀ ନଦୀ ଟାପୁରେ ଫସି ରହିଥିବା ୬୦ରୁ ଊର୍ଦ୍ଧ୍ୱ ଗୋରୁଗାଈଙ୍କୁ ଉଦ୍ଧାର କରାଯାଇଛି। ସମଗ୍ର ରାଜ୍ୟରେ ଏବେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜୋରଦାର ଚାଲିଛି।








## ଦଶରଥପୁର ବନ୍ୟା ଅଞ୍ଚଳରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ



ଦଶରଥପୁର ବନ୍ୟାଞ୍ଚଳ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତରପଦା ପଞ୍ଚାୟତ ପତିରି ଠାରୁ ପ୍ରଶାସନ ଦ୍ୱାରା ଆୟୋଜିତ ୮ ଟି ପାୱାର ବୋଟ ସାହାଯ୍ୟରେ କସାପା ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମକୁ ବନ୍ୟା ପ୍ରପୀଡ଼ିତଙ୍କ ସହ ଆଲୋଚନା କରିଥିଲେ । ସାଥିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ହିମାଂଶୁ ଶେଖର ସାହୁ, ଅମର ନାୟକ, ଆକାଶ ଦାସ ନାୟକ, ବିଜେପି ନେତା ଗୌତମ ରାୟ, ବବିତା ମଲିକ, ଜିଲ୍ଲାପାଳ ଅମ୍ବର କୁମାର କର, ଏସପି ଯଶ ପ୍ରତାପ ଶ୍ରୀମଲ, ପ୍ରମୁଖ ଏହି ଗସ୍ତରେ ସାମିଲ ଥିଲେ।

## ୧,୯୬,୨୪୦ ଲୋକ ବନ୍ୟାରେ ପ୍ରଭାବିତ

ସାଳନ୍ଦୀ ଓ ବୈତରଣୀ ବନ୍ୟାରେ ଭଦ୍ରକ ସହ ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି ଓ ଚାନ୍ଦବାଲି ବ୍ଲକ୍ ପ୍ରଭାବିତ ହୋଇଛି। ୫ଟି ବ୍ଲକ୍‌ର ୬୦ଟି ପଞ୍ଚାୟତ ଅଧୀନ ୨୦୦ରୁ ଊର୍ଦ୍ଧ୍ୱ ଗାଁର ୧,୯୬,୨୪୦ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ସାଳନ୍ଦୀ ଓ ବୈତରଣୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ୍ୟ ଆଗାମୀ ଦୁଇଦିନ ବଡ଼ ବର୍ଷା ଆଶଙ୍କା ଥିବାରୁ ନଦୀଗୁଡ଼ିକର ଜଳସ୍ତର ପୁଣି ବଢ଼ିପାରେ ବୋଲି ବିଭାଗ ଆକଳନ କରିଛି।



## ଏବେ ବର୍ଷାରୁ ନିସ୍ତାର ମିଳିବନି

ଓଡ଼ିଶାବାସୀଙ୍କୁ ଏବେ ବର୍ଷାରୁ ନିସ୍ତାର ମିଳିବ ନାହିଁ। ୧୯ ତାରିଖ ସକାଳ ପର୍ଯ୍ୟନ୍ତ ଅଧା ଓଡ଼ିଶାରେ ବର୍ଷା ଛେଚିବ। ଉତ୍ତର ଓଡ଼ିଶାରେ ଅତ୍ୟଧିକ ବର୍ଷା ହେବାକୁ ଥିବାରୁ ଏକାଧିକ ଜିଲ୍ଲା ପୁଣିଥରେ ବନ୍ୟାର ସାମନା କରିବାକୁ ଯାଉଛି। ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଏକପ୍ରକାର ଥୟ। ସମ୍ଭାବ୍ୟ ବର୍ଷାକୁ ନଜରରେ ରଖି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସାରା ରାଜ୍ୟକୁ ରେଡ୍ ଆଲର୍ଟ ଜାରି କରି ମୁକାବିଲା ପାଇଁ ପ୍ରଶାସନକୁ ସଜାଗ କରିଛି। ରାତି ସୁଦ୍ଧା ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବାରୁ ସମସ୍ତ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଆହୁରି ୩୬ ଘଣ୍ଟା ପର୍ଯ୍ୟନ୍ତ ଉତ୍ତର ଓ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବାକୁ ଥିବାରୁ ପରିସ୍ଥିତି ଭୟଙ୍କର ହେବା ନେଇ ଆକଳନ କରାଯାଇଛି। ଅଗଷ୍ଟ ଶେଷ ସପ୍ତାହ (ବିଶେଷ କରି ଅଗଷ୍ଟ ୨୫ରୁ ୨୮ ମଧ୍ୟରେ) ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ, ଲଘୁଚାପ ସୃଷ୍ଟି ହେବା ନେଇ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।



## ବନ୍ୟା ଭୟ; ଘର ଛାଡିଲେ ଲୋକେ, କେବଳ ଶୁଖିଲା ଖାଦ୍ୟରେ ବଞ୍ଚୁଛି ଜୀବନ

ଲଘୁଚାପ ବର୍ଷା ପ୍ରଭାବରେ ବେହାଲ ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଅଂଚଳ। କୋଇଡା, ଗୁରୁଣ୍ଡିଆ, ଲହୁଣୀ ପଡାରେ ସ୍ଥିତି ବେହାଲ ହୋଇପଡ଼ିଛି। କେଉଁଠି ରାସ୍ତା ଉପରେ ପାଣି ତ ଆଉ କେଉଁଠି ଚାଷ ଜମିରେ ପାଣି ମାଡ଼ି ଯାଇଛି। ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଚାଲିଛି। ଏପଟେ କିଛି ଗାଁରେ ଲୋକମାନେ ଭୟରେ ଘର ଛାଡି ଅନ୍ୟତ୍ର ପଳାଇଛନ୍ତି। ଏବେ ବ୍ରାହ୍ମଣୀରେ ପ୍ରବଳ ସୁଅରେ ପାଣି ଚାଲିଛି। ଆଗକୁ ଯଦି ଆହୁରି ଅଧିକ ବର୍ଷା ହୁଏ ତେବେ ବିପଦ ବଢିବା ଆଶଙ୍କା କରାଯାଉଛି। ଅନ୍ୟପଟେ ବଢୁଛି ଗମେଇ, କାଂଶବାଂଶର ଜଳସ୍ତର। ପାଣି ଘେରରେ ଅନେକ ପରିବାର। ଭଦ୍ରକ ବାସୁଦେବପୁରରେ ଚିନ୍ତା ବଢାଇଛି ଚତୁର୍ଥ ବନ୍ୟା। ସୁଦର୍ଶନପୁର ବରଣ୍ଡୁଆ ରାସ୍ତା ଉପରେ ୨ ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି। ଅନେକ ପରିବାର ଏବେ ଜଳବନ୍ଦୀରେ ଥିବା ବେଳେ ନଦୀକୂଳିଆ ଲୋକମାନେ ଘର ଛାଡି ଉଚ୍ଚସ୍ଥାନକୁ ଚାଲିଗଲେଣି। ମାଟି କାନ୍ଥ ଗୁଡିକ ଭାଙ୍ଗିଯାଇଥିବା ବେଳେ ଚୁଲିରେ ପଶିଛି ପାଣି। ୩ ଦିନ ହେବ ଶୁଖିଲା ଖାଦ୍ୟ ଖାଇ ରହୁଛନ୍ତି ବନ୍ୟା ବିପନ୍ନ।

ସେହିପରି ରେଡ୍ ୱାର୍ଣ୍ଣିଂ ଥିବା କେନ୍ଦୁଝର ସହର ବର୍ଷାରେ ବେହାଲ। ଲଗାଣ ବର୍ଷାରେ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ଅବସ୍ଥା। ସହରର ବିଭିନ୍ନ ମୁଖ୍ୟ ରାସ୍ତା ସବୁରେ ଚାଲୁଛି ପାଣି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ମଣ୍ଡୁଆ ସରାସ ରାସ୍ତା ଧୋଇ ହୋଇଯାଇଛି। ଲଗାଣ ବର୍ଷାରେ ଧୋଇଗଲା ରାସ୍ତା। ନାଳ ପୋଲ ଉପରେ ଚାଲିଲା ୨ ଫୁଟର ପାଣି। ୫ରୁ ଅଧିକ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ପଡୁଆ ପଞ୍ଚାୟତ ମଙ୍ଗଳପୁର ଠାରେ ବାଗଡେଗା ନାଳ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି। ନାଳ ଉପରେ ଦୁଇ ଫୁଟର ବର୍ଷା ଜଳ ପ୍ରବାହିତ ହେଉଥିବାରୁ ପଡୁଆ ଭଣ୍ଡା ପଞ୍ଚାୟତ ସମେତ ଆଖ ପାଖ ପାଞ୍ଚରୁ ଉର୍ଦ୍ଧ୍ୱ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଚମ୍ପୁଆରେ ୧୨୧ ମିଲିମିଟର ବର୍ଷା ରେକର୍ଡ ହୋଇଛି।



## ରାଷ୍ଟ୍ରପତି ଭବନରେ ଲଇକେରା ଝିଅ ଭେଷମତୀ

**ଲଇକେରା:** ଦକ୍ଷତା ବିକାଶକୁ ଆଧାର କରି ସଫଳତାର ଶିଖର ଛୁଇଁଥିବା ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ତିଲେଇମାଲ ଗ୍ରାମର ଭେଷମତୀ ନାଏକଙ୍କ ସଫଳତା ଏବେ ସମଗ୍ର ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି। ଡିଡିୟୁ-ଜିକେୱାଇ ଅଧୀନରେ ପ୍ରଶିକ୍ଷଣ ନେଇ ସଫଳ କର୍ମଜୀବନ ଗଢ଼ିଥିବା ଭେଷମତୀଙ୍କୁ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ଭବନ କଲଚରାଲ୍ ସେଣ୍ଟରରେ ଆୟୋଜିତ ପ୍ରତିଷ୍ଠିତ 'ଆଟ୍-ହୋମ୍' ରିସେପସନ୍‌ରେ ଯୋଗ ଦେଇଥିଲେ।

ଭେଷମତୀ ୨୦୧୬ ମସିହାରେ ଓରମାସ ମାଧ୍ୟମରେ ଡିଡିୟୁ-ଜିକେୱାଇ ଯୋଜନା ଅଧୀନରେ ହସ୍ପିଟାଲିଟି କ୍ଷେତ୍ରରେ ପ୍ରଶିକ୍ଷଣ ନେଇଥିଲେ। ଭୁବନେଶ୍ୱରସ୍ଥିତ ପିଆଇଏ ମଲ୍ଟି କେୟାର ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ତାଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। ପାରିବାରିକ ଓ ଆର୍ଥିକ ପରିସ୍ଥିତି ଯୋଗୁଁ ଉଚ୍ଚଶିକ୍ଷା ଜାରି ରଖିପାରିନଥିବା ଭେଷମତୀ ଦକ୍ଷତା ବିକାଶକୁ ନିଜ ଜୀବନର ନୂଆ ଦିଗ ଭାବେ ବାଛି ନେଇଥିଲେ । ପ୍ରଶିକ୍ଷଣ ପରେ ସେ ତାମିଲନାଡୁର ଉଟିରେ ମାସିକ ୬ ହଜାର ଟଙ୍କା ଦରମାରେ ନିଜର କର୍ମଜୀବନ ଆରମ୍ଭ କରିଥିଲେ। ନିଷ୍ଠା, ପରିଶ୍ରମ ଓ ଅଭିଜ୍ଞତା ବଳରେ ପ୍ରାୟ ଏକ ଦଶନ୍ଧି ଧରି ଆଗକୁ ବଢ଼ିବା ପରେ ବର୍ତ୍ତମାନ ସେ ସମ୍ବଲପୁରସ୍ଥିତ ଆଇଆଇଏମ୍‌ରେ କାର୍ଯ୍ୟରତ ଅଛନ୍ତି। ଏବେ ତାଙ୍କର ମାସିକ ଆୟ ପ୍ରାୟ ୩୫ ହଜାର ଟଙ୍କା। ନିଜ ଆୟରେ ପରିବାରକୁ ସହଯୋଗ କରିବା ସହ ଆର୍ଥିକ ସ୍ୱାବଲମ୍ବନ ହାସଲ କରିଛନ୍ତି ସେ।

### ଦକ୍ଷତା ବିକାଶରୁ ସଫଳ କର୍ମଜୀବନ

ଏହି ସଫଳତା କେବଳ ଭେଷମତୀଙ୍କ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ଗ୍ରାମୀଣ ଯୁବକ-ଯୁବତୀଙ୍କ ପାଇଁ ଦକ୍ଷତା ବିକାଶ କିପରି ନିଯୁକ୍ତି ଓ ସ୍ୱାବଲମ୍ବନର ଦ୍ୱାର ଖୋଲିପାରେ, ତାହାର ଏକ ଉଜ୍ଜ୍ୱଳ ଉଦାହରଣ। ଓଡ଼ିଶା ସରକାରଙ୍କ ସହଯୋଗରେ ଓରମାସ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଡିଡିୟୁ-ଜିକେୱାଇ ଯୋଜନାର ସଫଳତାର ଏକ ପ୍ରେରଣାଦାୟୀ ଚିତ୍ର ଭାବେ ଭେଷମତୀଙ୍କ ଯାତ୍ରାକୁ ଦେଖାଯାଉଛି।

### ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ରାଷ୍ଟ୍ରପତି ଭବନର 'ଆଟ୍-ହୋମ୍' ରିସେପସନ୍‌କୁ ନିମନ୍ତ୍ରଣ ପାଇ ଭେଷମତୀ ନାଏକ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଭେଟିଥିଲେ। ଜିଲ୍ଲାପାଳ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଓରମାସର ଡେପୁଟୀ ସିଇଓ ଶ୍ରୀ ଯୁବରାଜ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଗ୍ରାମର ଜଣେ ସାଧାରଣ ଯୁବତୀ ଭାବେ ଆରମ୍ଭ କରି ଦକ୍ଷତା ବିକାଶ, ନିଯୁକ୍ତି ଓ ନିରନ୍ତର ପରିଶ୍ରମ ମାଧ୍ୟମରେ ଆଜି ରାଷ୍ଟ୍ରପତି ଭବନର ଅତିଥି ହେବା ଭେଷମତୀଙ୍କ ସଫଳତାର ଏକ ଅନନ୍ୟ ଅଧ୍ୟାୟ। ତାଙ୍କର ଏହି ସଫଳତା ଝାରସୁଗୁଡ଼ା ସମେତ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ।

## ୯ ବର୍ଷ ପରେ ଫିଟିଲା ବାଟ ; ରାଉରକେଲାରେ ଏମ୍ଏସ୍ଏମ୍ଇ ଟେକ୍ନୋଲୋଜି ପାଇଁ ମିଳିବ ଜାଗା

**ରାଉରକେଲା:** ୯ ବର୍ଷର ଅପେକ୍ଷା ପରେ ଫିଟିଲା ବାଟ। ରାଉରକେଲାରେ ପ୍ରସ୍ତାବିତ ଏମଏସଏମଇ ଟେକ୍ନୋଲୋଜି ସେଣ୍ଟରକୁ ନେଇ ଆସିଛି ବଡ଼ ଅପଡେଟ୍। ଦୀର୍ଘଦିନ ଧରି ଜମି ସମସ୍ୟାରେ ଅଟକିଥିବା ଏହି ପ୍ରକଳ୍ପ ପାଇଁ ଏବେ ଜମି ଯୋଗାଣ ହୋଇଛି। ପ୍ରାୟ ୧୨ ଏକର ଜମିରେ ହେବାକୁ ଥିବା ଏହି ପ୍ରକଳ୍ପ ରାଉରକେଲାର ଶିଳ୍ପ ଓ ଯୁବପିଢ଼ି ପାଇଁ ଆଣିବ ଏକ ବିରାଟ ବଡ଼ ସୁଯୋଗ। ରାଉରକେଲାରେ ଏମଏସଏମଇ ଟେକ୍ନୋଲୋଜି ସେଣ୍ଟର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଚାଲିଥିଲା ପ୍ରୟାସ। ହେଲେ ଜମି ସମସ୍ୟା ଯୋଗୁଁ ପ୍ରକଳ୍ପର ଗତି ଅଟକି ଯାଇଥିଲା। ଏବେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରାୟ ୧୨ ଏକର ଜମି ଯୋଗାଇ ଦିଆଯିବା ପରେ ଟେକ୍ନୋଲୋଜି ସେଣ୍ଟର ପ୍ରତିଷ୍ଠା ପାଇଁ ବାଟ ଫିଟିଛି। ରାଉରକେଲାରେ ବଡ଼ ଶିଳ୍ପ ସହ ଅନେକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମଧ୍ୟ ରହିଛି। ଏଭଳି ସ୍ଥିତିରେ ଏମଏସଏମଇ ଟେକ୍ନୋଲୋଜି ସେଣ୍ଟର ସ୍ଥାପନ ହେଲେ ଉଦ୍ୟୋଗୀମାନଙ୍କୁ ଆଧୁନିକ ପ୍ରଯୁକ୍ତି ଓ ବୈଷୟିକ ସହାୟତା ମିଳିବ। ଏଥିସହ ଯୁବପିଢ଼ିଙ୍କ ପାଇଁ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣରେ ସୁଯୋଗ ସୃଷ୍ଟି ହୋଇପାରିବ। ଏନେଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ରାଜ୍ୟ ସରକାରଙ୍କ ସହ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।୨୦୧୮ ନଭେମ୍ବରରେ ରାଉରକେଲା ସମେତ ଦେଶରେ ୨୦ଟି ଏମଏସଏମଇ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରକୁ ସିସିଇଏରୁ ଅନୁମୋଦନ ମିଳିଥିଲା। ଏହି ପ୍ରକଳ୍ପ ପାଇଁ ୨୦୨୨ରେ କଣ୍ଟାଝରଣରେ ଜମି ଚିହ୍ନଟ ହୋଇଥିଲା। ପ୍ରାୟ ଦୁଇ ଶହ କୋଟି ଟଙ୍କା ବିନିଯୋଗରେ ଏହି ଲିଜ୍ ? ହୋଲ୍ ?ଡ ଜମିରେ ପ୍ରକଳ୍ପ ନିର୍ମାଣ ହେବ। ଏହି ପ୍ରକଳ୍ପ ହେଲେ ଅନେକ ଯୁବକ ଯୁବତୀ ନିଜର ଦକ୍ଷତା ବଢ଼ାଇବା ସହ ଏମଏସଏମଇ କ୍ଷେତ୍ରରେ ଅନେକ ସୁଯୋଗ ପାଇବେ ।



# ପରିବେଶର ରୋଷ

ଯୁଦ୍ଧ, ଅର୍ଥନୈତିକ ଅସ୍ଥିରତା ଆମକୁ ଯେତିକି କ୍ଷତାକ୍ତ କରୁଛି, ତା'ଠାରୁ ଅଧିକ ବିପଦରେ ପକାଉଛି ଜଳବାୟୁ ପରିବର୍ତ୍ତନ। ଥଣ୍ଡା ଜଳବାୟୁରେ ବଢ଼ି ଆସିଥିବା ୟୁରୋପ ମହାଦେଶବାସୀ ୪୦ରୁ ଊର୍ଦ୍ଧ୍ୱ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାକୁ ସହ୍ୟ ନକରି ତ୍ରାହି ତ୍ରାହି ଡାକୁଥିଲେ। ଅତ୍ୟଧିକ ଗରମ ସହି ନ ପାରି ଅନେକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଗୁଡି ଥିବା ପାଣିପାଗର ପରିବର୍ତ୍ତନ ଶୈଳୀ ଆଜି ସମସ୍ତଙ୍କୁ ଆକ୍ରାମାକ୍ରା କରୁଛି। ଏହି ପରିପ୍ରେକ୍ଷୀରେ ଯଦି ଆମେ ଭାରତ କଥା ଭାବିବା ତେବେ ଜଳବାୟୁର ବ୍ୟାପକ ପରିବର୍ତ୍ତନ ସିଧାସଳଖ ଆମକୁ ଚିନ୍ତାରେ ପକାଇଲାଣି। ମୌସୁମୀ ବର୍ଷା ଅପେକ୍ଷା ଲଘୁଚାପଜନିତ ବୃଷ୍ଟି ଗୋଟେ ଗୋଟେ ଅଞ୍ଚଳକୁ ବୁଡ଼ାଇ ଦେଉଛି। ଆଶ୍ଚର୍ଯ୍ୟର କଥା ଯେ ସ୍ୱାଭାବିକ ମୌସୁମୀ ଦେଖିବାକୁ ମିଳୁନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଲଘୁଚାପରେ ବର୍ଷା କେବଳ ନୁହେଁ, ସବୁ କଥା 'ଚାପ'ରେ ହେଉଛି। ଯେଉଁ ସମୟରେ ଯେଉଁଭଳି ଭାବେ ଋତୁର ପ୍ରଭାବ ଅନୁଭୂତ ହେବା କଥା, ତାହା ଦେଖାଯାଉ ନାହିଁ। କହିବାକୁ ଗଲେ ପ୍ରକୃତି ବିଗିଡ଼ି ନାହିଁ। ମଣିଷ ପାଇଁ ତାହାର ପ୍ରଭାବ ବଦଳୁଥିବାରୁ ସମସ୍ୟା ଆମର, ପ୍ରକୃତିର ନୁହେଁ। ଅନ୍ତର୍ଜାତୀୟ ସ୍ତରରୁ ଜାତୀୟ ଓ ଆଞ୍ଚଳିକ ସ୍ତରକୁ ଓହ୍ଲାଇକରି ଦେଖିଲେ ମଣିଷର କାର୍ଯ୍ୟକଳାପ ସବୁ ପ୍ରକାର ଅସ୍ୱାଭାବିକତା ପାଇଁ ଦାୟୀ ବୋଲି ଜୋର ଦେଇ କହିହେବ। ଆମେ ଓଡ଼ିଶାରେ ମନୁଷ୍ୟକୃତ ଧ୍ୱଂସାତ୍ମକ ପରିଣତିକୁ ମର୍ମେ ମର୍ମେ ଅନୁଭବ କରୁଛେ। ଜଙ୍ଗଲକ୍ଷୟ, ଭୂତଳ ବିଦାରି ଅତ୍ୟଧିକ ଖଣିଜ ପଦାର୍ଥ ଉତ୍ତୋଳନ ଯୋଗୁ ଜୀବଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ ହେବାରୁ ସେମାନେ ରାସ୍ତାକୁ ଆସି ସେମାନଙ୍କ ଖାଦ୍ୟ ମାଗିବା ଦୃଶ୍ୟ ଦେଖିବାକୁ ମିଳିଲାଣି। ସୁନ୍ଦରଗଡ଼ କୋଇଡ଼ା ବନାଞ୍ଚଳ ଅନ୍ତର୍ଗତ ପାନ୍‌ପୋଶିଆ-ଯୋଡ଼ିପଡ଼ା ରାସ୍ତାରେ ଏକ ଦନ୍ତାହାତୀ ଟ୍ରକ୍‌କୁ ଅଟକାଇ ଖାଦ୍ୟ ମାଗୁଥିବା ଛବି ସୋସିଆଲ ମିଡିଆରେ ଘୂରୁଥିବା ଲକ୍ଷ୍ୟ କରାଯାଇଛି। ହାତୀଟିକୁ ଯିଏ ଖାଇବାକୁ ଦେଉଛି ସେ ତାହାକୁ ଗ୍ରହଣ କରୁଛି, କିଛି ନ ମିଳିଲେ କ୍ଷତି କରୁ ନ ଥିବା ଲକ୍ଷ୍ୟ କରାଯାଉଛି। ଏହା ଦ୍ୱାରା ଟ୍ରାଫିକ୍ ଜାମ୍ ହେଉଥିବା ଦୃଶ୍ୟ ନଜରକୁ ଆସିଛି । ସୋସିଆଲ ମିଡିଆରେ ନିକଟରେ ଘୁରିବୁଲୁଥିଲା ଏକ ହୃଦୟସ୍ପର୍ଶୀ ଦୃଶ୍ୟ ସାମ୍ନା ଆସିଥିଲା ଏକ ହାତୀ ବିଚ୍ ରାସ୍ତାରେ ଗାଡି ଅଟକାଇ ଖାଦ୍ୟ ମାଗୁଥିବାର ଦୃଶ୍ୟ। ପରିବେଶ ଅବକ୍ଷୟ, ଖାଦ୍ୟ ସଙ୍କଟ ଏବଂ ମଣିଷ-ପଶୁ ସଂଘର୍ଷର ଗୁରୁତର ଦିଗକୁ ଦେଖିବାର ସମୟ ଆସିଲାଣି। ମଣିଷ ଭାବୁଛି କଳେବଳେ କୌଶଳେ ଜନ୍ତୁମାନଙ୍କୁ କରାୟତ୍ତ କରିଦେବ। କିନ୍ତୁ ବୁଝିବା ଦରକାର ଯେ, ଏସବୁ ଅସଙ୍ଗତିକୁ ଆଉ ଶୀଘ୍ର ଦୂର କରିବା କଷ୍ଟକର ହୋଇପଡ଼ିବ। ବିଶ୍ୱବ୍ୟାପୀ ଚାଲିଥିବା ଯୁଦ୍ଧକୁ ହୁଏତ ଗୋଟିଏ ସମୟ ଆସିପାରେ ଆଲୋଚନା ମାଧ୍ୟମରେ ବନ୍ଦ କରାଯାଇପାରିବ। କିନ୍ତୁ ପ୍ରକୃତି ଓ ପରିବେଶକୁ ଯେତେ ମାତ୍ରାରେ ନଷ୍ଟ କରି କରିଦିଆଗଲାଣି ସେଥିରେ ପୂର୍ଣ୍ଣଚ୍ଛେଦ ଲାଗି ନ ପାରେ। ଏହାର ରାଶି ରାଶି ଉଦାହରଣ ଉତ୍ତର ଭାରତର ଚାରିଧାମ ଅଞ୍ଚଳଠାରୁ ଦକ୍ଷିଣ ଭାରତର ୱାୟନାଡ୍ ପର୍ଯ୍ୟନ୍ତ ପ୍ରକୃତି ସତର୍କବାଣୀ ଦେଇଚାଲିଛି ଏବଂ ପ୍ରତ୍ୟେକ ଥର ତାହା ଅଧିକରୁ ଅଧିକ ବିଷମ ହେଉଛି। ସରକାରୀ ଅନୁମୋଦନ ସହିତ ଆରାବଳିରୁ ଆଣ୍ଡାମାନ ନିକୋବରକୁ ଖ୍ରନ୍‌ଭିନ୍ କରିବା କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇସାରିଲାଣି।

# ଦାନ ଏକ ବିଶୁଦ୍ଧ, ପବିତ୍ର କର୍ମ

ଭଗବାନ ପ୍ରକାଶ

କୁହାଯାଏ ଗୋଟିଏ ଭଲ ଉଦାହରଣ, ହଜାରେ ପ୍ରବଚନ ଠାରୁ ଅଧିକ ପ୍ରଭାବଶାଳୀ। ତେଣୁ ବ୍ୟକ୍ତିଙ୍କର କଥା ଅପେକ୍ଷା କାର୍ଯ୍ୟର ମୂଲ୍ୟ ଓ ମହତ୍ୱ ଅଧିକ । କୋଭିଡ଼-୧୯ର ଉପରମୁହାଁ ଦ୍ୱିତୀୟ ତରଙ୍ଗ, ନିର୍ବାଚନର ଅଶାଳୀନ ଉତ୍ତାପ ଓ ବିଧାନସଭା ତଥା ଲୋକସଭାରେ ବିଧାୟକ ଓ ସାଂସଦମାନଙ୍କର ଅମାନିଆ, ବିଶୃଙ୍ଖଳା ଆଚରଣରେ ବ୍ୟଥିତ ସଭ୍ୟ ସମାଜ ପାଇଁ ଏପ୍ରିଲ ଆଣିଥିଲା ଏକ ଅତି ଉତ୍ସାହ, ଆଶା ଓ ପ୍ରେରଣାଦାୟକ ସମ୍ବାଦ । ସେଇଟି ଥିଲା ଓଡ଼ିଶାର ଦୁଇଜଣ ସୁନାଗରିକ ସୁବ୍ରତ ଓ ସୁସ୍ମିତା ବାଗ୍‌ଚୀଙ୍କ ଉଦାହରଣୀୟ ବଦାନ୍ୟତା। ଏହି ଆଦର୍ଶ ଦମ୍ପତ୍ତି ଜୀବନ ସାରା କଠିନ ପରିଶ୍ରମ ଦ୍ୱାରା ସ୍ୱଅର୍ଜିତ ଅର୍ଥ ରାଶିର ଏକ ସିଂହଭାଗ ୩୪୦ କୋଟି ଟଙ୍କା ଓଡ଼ିଶାରେ ସୁପର ସ୍ପେସିଆଲିଟି କ୍ୟାନସର ଚିକିତ୍ସାଳୟ ଓ ଗବେଷଣା ପାଇଁ ଦାନ କରିଛନ୍ତି। ତାଙ୍କୁ ତତ୍‌କ୍ଷଣାତ୍ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଥିଲି । ସାଙ୍ଗେ ସାଙ୍ଗେ ଉତ୍ତର ଦେଇ ସେ ଲେଖିଲେ- 'ଆଜ୍ଞା, ଆମ ଦୁହିଁଙ୍କ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ ଯେ ସେ ଯେପରି ଆମକୁ ଏହିପରି ପ୍ରେରଣା ଦେଉଥାନ୍ତୁ' । ଦାନ କରିବାର ସୁଖ କେବଳ ଦାତାଙ୍କୁ ଜଣା । ଗୁପ୍ତଦାନରେ ବିଶ୍ୱାସୀ କେତେକ ଦାତା ଏହାକୁ ଗୁପ୍ତ ରଖିଥାନ୍ତି । ଶାସ୍ତ୍ରରେ ଲେଖାଅଛି ଡାହାଣ ହାତରେ ଦେଇଥିବା ଦାନକୁ ବାମ ହସ୍ତ ଜାଣି ନପାରିଲେ ଭଲ । କିନ୍ତୁ ଅପରପକ୍ଷରେ ଦାନ ଓ ଦାତାଙ୍କୁ ଜାଣିବା ଦ୍ୱାରା ଅନେକ ଲୋକଙ୍କୁ ପ୍ରେରଣା ମିଳିଥାଏ। ଏହି ଦୃଷ୍ଟିରୁ ଗୁପ୍ତ ଦାନ ଅପେକ୍ଷା ମୁକ୍ତଦାନ ମହତ୍ୱପୂର୍ଣ୍ଣ। ଏହା ଏକ ଦାନୀ ସଂସ୍କୃତି ପାଇଁ ଅନ୍ୟକୁ ପ୍ରଭାବିତ କରିଥାଏ। ଗାନ୍ଧୀ କହୁଥିଲେ ଯାହା ଲାଭ କରୁଛ ତା ଉପରେ ସମାଜର ପ୍ରଥମ ଅଧିକାର। ଦାତା ନିଜେ ଏକ ଅବ୍ୟକ୍ତ ସୁଖ ଅନୁଭବ କରିଥାନ୍ତି । ଆମ ପୋଥି, ପୁରାଣ ମହାଦାନୀ ଓ ଦାନବୀରଙ୍କ କାହାଣୀରେ ଭରା ।

ଆଜିକୁ ପ୍ରାୟ ଦେଢ଼ମାସ ତଳେ ଏହିଭଳି ଜଣେ ପରୋପକାରୀ ବ୍ୟକ୍ତିଙ୍କର ସୁଖଦ ଅନୁଭୂତିକୁ ଫେସ୍‌ବୁକ ଜରିଆରେ ପାଠକମାନଙ୍କ ପାଖରେ ପହଞ୍ଚାଇଥିଲି । ତାଙ୍କ ଡ଼ାକ ନା 'ବିଦେଶୀ' । ବୟସ ୨୫ ହେବ, ପେଶାରେ ଟାକ୍‌ସି ଡ୍ରାଇଭର । ତାଙ୍କ ବାଁ ପଟ ସିଟ୍‌ରେ ବସିଥିଲି । ଗାଡ଼ି ଚଲାଇବା ସହ ବିଦେଶୀ ମନ ଖୁସିରେ ଗୀତ ଗାଉଥାନ୍ତି । ପଚାରିଲି- ବିଦେଶୀ, ଆଜି କ'ଣ ଭାରି ଖୁସି । କଥା କ'ଣ ? କହିଲେ, "ସାର୍, ଆଜି ଗୋଟେ ଭଲ କାମ କରିଥିବାରୁ ମନଟା ଖୁସି ଅଛି ।" କି କାମ କହିଲ- ପଚାରିଲି । କହିଲେ- "ଆଜି ମୁଁ ଏକ ଗର୍ଭିଣୀର ଜୀବନ ରକ୍ଷା କରିଚି । ଆପଣଙ୍କୁ ପିକ୍‌ଅପ୍ କରିବା ପାଇଁ ଅଧଘଣ୍ଟା ଡ଼େରି ହେଇଗଲା, କାରଣ ରାସ୍ତା ଜାମ୍ ଥିଲା । ଲୋକେ ଗାଡ଼ି ରାସ୍ତା ଉପରେ ରଖି ଫଟୋ ଉଠାଉଥିଲେ । ମୁଁ ଗାଡ଼ିରୁ ଓହ୍ଲାଇ ଏକ କରୁଣ ଦୃଶ୍ୟ ଦେଖିଲି । ଗର୍ଭିଣୀ ଗାଈଟିଏ ରାସ୍ତା ଉପରେ ପଡ଼ି ପ୍ରବଳ ଯନ୍ତ୍ରଣାରେ ଛଟପଟ ହେଉଥିଲା । ଗର୍ଭିଣୀ ପେଟରୁ ମଲା ବାଛୁରୀଟାକୁ ଜନ୍ମ କରି ପାରୁନଥିଲା । ବାଛୁରୀର କେବଳ ପଛ ଗୋଡ଼ ଦୁଇଟା ବାହାରି ଆସିଥିଲା । ଯନ୍ତ୍ରଣାରେ ଚିତ୍କାର କରୁଥିଲା ଗାଈଟି । ଚାରିପଟେ ବେଢ଼ି ଠିଆ ହୋଇଥିଲେ ଅନେକ ଲୋକ । ଆନନ୍ଦରେ ଏହି କରୁଣ ଦୃଶ୍ୟଟି ଉପଭୋଗ କରୁଥିଲେ । ମୁଁ ସମ୍ଭାଳି ପାରିଲି ନାହିଁ । ଠେଲି ଭିଡ଼ ଭିତରେ ପଶିଲି ଓ ଦୁଇ ହାତରେ ମଲା ବାଛୁରୀର ଦୁଇଗୋଡ଼ ଧରି ଓଟାରି ଆଣିଲି । ଗାଈର ଆର୍ତ୍ତ ସ୍ୱର ବନ୍ଦ ହୋଇଗଲା । ପ୍ରାଣ ବଂଚିଗଲା । ସେଥିପାଇଁ ମୁଁ ଭାରି ଖୁସି । ଜୀବନରେ ଏଭଳି ଆନନ୍ଦ ମିଳିନଥିଲା । ନିଜର ଅତୁଳନୀୟ ବଦାନ୍ୟତା ପ୍ରଦର୍ଶନ କରି ସୁବ୍ରତ ଓ ସୁସ୍ମିତା ଆଜି ସେଇ ଅବ୍ୟକ୍ତ ଆନନ୍ଦର ଅଧିକାରୀ ।



ଶାସ୍ତ୍ରରେ ପରୋପକାର ସମ୍ପର୍କରେ ଏକ ସୁନ୍ଦର ପ୍ରେରଣାଦାୟକ ଉକ୍ତି ଅଛି । ତାହା ଏହିପରି । ପରୋପକାରାୟ ବର୍ଷନ୍ତି ମେଘା, ଅର୍ଥାତ୍ ନିଜ ପାଇଁ ନୁହେଁ, ପୃଥିବୀବାସୀଙ୍କୁ ପାଣି ଯୋଗାଇ ଦେବା ପାଇଁ ମେଘ ବର୍ଷା କରେ । ପରୋପକାରାୟ ବହନ୍ତି ନଦ୍ୟାଃ । ନଦୀ ବି ସେଇଥି ପାଇଁ ବହିଯାଏ । ପରୋପକାରାୟ ଫଳନ୍ତି ବୃକ୍ଷାଃ । ଫଳ ବୃକ୍ଷ ନିଜ ଫଳ ନିଜେ ଖାଏ ନାହିଁ- ଅନ୍ୟକୁ ଦାନ କରିଥାଏ । ପରୋପକାରାୟ ଇଦଂ ଶରୀରମ୍। ପ୍ରକୃତି ସେମିତି ମାନବ ଶରୀର ସୃଷ୍ଟି କରିଛି ପରୋପକାର ପାଇଁ । ଆମ ପରମ୍ପରାରେ ଧନୀ ନୁହେଁ, ଦାନୀକୁ ପୂଜା ଓ ସମ୍ମାନ କରାଯାଇଥାଏ । ଉଦାହରଣ ସ୍ୱରୂପ ଧନର ଦେବତା କୁବେର ଓ ଦେବୀ ଲକ୍ଷ୍ମୀ । କିନ୍ତୁ କୁବେର କଦାକାର ବୋଲି ବର୍ଣ୍ଣନା କରାଯାଇଛି । କାରଣ ଯେ ଧନ ଜମାକରି ରଖେ ସେ କୁତ୍ସିତ କଦାକାର । ଯେ ଦାନ କରେ ସେ ସୁନ୍ଦର । ଲକ୍ଷ୍ମୀ ସେଇଥିପାଇଁ ସୁନ୍ଦର । ସେ ମୁକ୍ତ ହସ୍ତରେ ଦାନ କରିଥାନ୍ତି । ଧନ ତାଙ୍କ ପଛେ ପଛେ ଚାଲିଥାଏ । ବିଷ୍ଣୁପ୍ରିୟା ଲକ୍ଷ୍ମୀଙ୍କ ପାଦ ପଡ଼ିଲେ ଘର ଧନଧାନ୍ୟ ଓ ପବିତ୍ରତାରେ ଭରିଯାଏ । ସେଥିପାଇଁ ଲୋକେ ତାଙ୍କୁ ପୂଜା କରନ୍ତି । ତାଙ୍କ ନାଁରେ ଲକ୍ଷ ଲକ୍ଷ ମନ୍ଦିର । କିନ୍ତୁ ଧନପତି କୁବେରଙ୍କୁ କେହି ପୂଜା କରନ୍ତି ନାହିଁ । ତାଙ୍କ ନାଁରେ ଗୋଟିଏ ବି ମନ୍ଦିର ନାହିଁ । ଓଡ଼ିଶାରେ ପ୍ରତି ଗୁରବାର ଦିନ ଘରେ ଘରେ ଲକ୍ଷ୍ମୀ ପୁରାଣ ପଢ଼ାଯାଏ । ସେ ସବୁଠାରୁ ଲୋକପ୍ରିୟ ଦେବୀ । ପଦ୍ମଫୁଲ ତାଙ୍କର ଆସନ ଓ ଗଜ ବାହନ । ସେ ଦରିଦ୍ରତାନାଶିନୀ ଗୃହଲକ୍ଷ୍ମୀ । ମନୋବିଜ୍ଞାନୀ ମାନେ କହନ୍ତି ଆମ ସମସ୍ତଙ୍କ ଭିତରେ ଏକ ପରୋପକାରୀ ଜିନ୍ ବା ଜୀବତତ୍ତ୍ୱ ଲୁକ୍କାୟିତ ଭାବରେ ଥାଏ । ତା ନାଁ ଅଲ୍‌ଟ୍ରୁଇଷ୍ଟିକ ଜିନ୍ । ଯାହାଙ୍କର ଦେହରେ ଏହି ଜିନ୍ ସକ୍ରିୟ ତାଙ୍କ ଭିତରେ ପରୋପକାରୀ ଓ ଦାନୀ ପ୍ରବୃତ୍ତି ଅଧିକ । ଏହାକୁ ଇଂରେଜୀରେ କହନ୍ତି 'ଗିଭିଙ୍ଗ ବିହେଭିଅର' । ଆମ ଦେଶରେ ପ୍ରାଇମେରୀ ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନେକ ଅନୁଷ୍ଠାନ ଗଠନ ପଛରେ ରହିଛି ଏଇ ପ୍ରବୃତ୍ତି ଏବଂ ଦାନ କଲେ ପୁଣ୍ୟ ମିଳେ ବିଶ୍ୱାସ । ପ୍ରକୃତ ଦାନୀ ଲୋକେ ଆସକ୍ତି, ଅହଙ୍କାର, ମହତ୍ୱାକାଂକ୍ଷୀ ବା ଆମ୍ବିସନ୍, ଆତ୍ମ ପ୍ରଚାର ତଥା ପ୍ରଲୋଭନରୁ ଊର୍ଦ୍ଧ୍ୱରେ ଥାନ୍ତି । କଠୋପନିଷଦ୍‌ରେ ଋଷି ରଜଶ୍ରବା କିପରି ପୁରୁଣା ଲୁଗା ଓ ବୁଢ଼ୀ ଗାଈକୁ ଦାନ କରି ପୁଣ୍ୟ ଅର୍ଜନ ପାଇଁ ଚେଷ୍ଟା କରୁଥିଲେ, ସେ କଥା ଉଲ୍ଲେଖ ଅଛି । ଋଷି କୁମାର ନଚିକେତା ପିତାଙ୍କ ଏଭଳି ଆଚରଣ ବିରୋଧରେ ପ୍ରତିବାଦ କରିବାରୁ ଯମଲୋକକୁ ଯିବାକୁ ପଡ଼ିଥିଲା । କର୍ଣ୍ଣ ନିଜର ସୁରକ୍ଷା କବଚକୁ ଦାନ କରି ପ୍ରାଣ ହରାଇଥିଲେ ।

ଦାନ ଏକ ବିଶୁଦ୍ଧ, ପବିତ୍ର କର୍ମ, ସେଥିରେ ପ୍ରତାରଣାର ସ୍ଥାନ ନାହିଁ । ତେଣୁ ଶାସ୍ତ୍ରରେ ଦାତାଙ୍କୁ ନବମ ରତ୍ନ ବୋଲି କୁହାଯାଇଛି । ଏ ପ୍ରସଙ୍ଗରେ ଚାରିଟି ଅର୍ଦ୍ଧ ବାକ୍ୟ ହେଲା- "ଭାରତ ପଞ୍ଚମ ବେଦ, ସନ୍ତାନ ସପ୍ତମ ରସ, ଦାତା ତୁ ନବମ ରତ୍ନ, ଜାମାତା ଦଶମ ଗ୍ରହ ।" ଆମେ ଅଷ୍ଟଧାତୁ ବା ଅଷ୍ଟରତ୍ନ କଥା ଶୁଣିଚେ, କିନ୍ତୁ ଯଦି ପୃଥିବୀରେ କୌଣସି ନବମ ରତ୍ନ ଥାଏ ସେ ହେଉଛନ୍ତି 'ଦାତା' ବା ଦାନୀ । ତାଙ୍କୁ ଯେତେ ପ୍ରଶଂସା କଲେ ସେତେ କମ୍ । ସୁବ୍ରତ ଓ ସୁସ୍ମିତା ସେଇ ନବମ ରତ୍ନର ଅଂଶ । ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ବିଲ୍ ଓ ମେଲିଣ୍ଡା ଗେଟ୍‌ସ, ନାରାୟଣ ଓ ସୁଧା ମୂର୍ତ୍ତି, ମୁକେଶ ଓ ନୀତା ଅମ୍ବାନୀ, ଆଜିମ୍ ପ୍ରେମଜୀ, ୱାରେନ୍ ବୁଫେ, ମାର୍କ ଜୁକରବର୍ଗ ଓ ଏପରି ଅନେକ ମହାଦାନୀ । ୨୦୨୦ରେ ଆମାଜନ୍ ପ୍ରତିଷ୍ଠାତା ଓ ମୁଖ୍ୟ ଜେଫ୍ ବେଜୋ ପୃଥିବୀର ଜଳବାୟୁ ପରିବର୍ତ୍ତନ ପାଇଁ ଦାନ କରିଥିଲେ ୬୦ ହଜାର କୋଟି ଟଙ୍କା । ସେମିତି ଆମେରିକାନ୍ ବ୍ୟବସାୟୀ ୱାରେନ୍ ବୁଫେ ଜନକଲ୍ୟାଣ ପାଇଁ ଦାନ କରିଥିଲେ ୨ ଲକ୍ଷ ୩୦ ହଜାର କୋଟି ଟଙ୍କା । ନିଜର ଉତ୍ତରାଧିକାରୀ ସନ୍ତାନଙ୍କ ପାଇଁ କୌଣସି ଅର୍ଥ ରଖିନଥିଲେ । ପଚାରିବାରୁ କହିଥିଲେ ସେମାନେ ନିଜେ ସଂଗ୍ରାମ କରି ରୋଜଗାର କରନ୍ତୁ । କେବଳ ୨୦୨୦ ମସିହାରେ ୱିପ୍ରୋ ପ୍ରତିଷ୍ଠାତା ଆଜିମ୍ ପ୍ରେମଜୀ ଦିନକୁ ଦାନ କରୁଥିଲେ ୨୨ କୋଟି ଟଙ୍କା ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବେଶ ବିକାଶ ପାଇଁ । ସେ ପୃଥିବୀର ସବୁଠାରୁ ପ୍ରଭାବଶାଳୀ ୫୦୦ ମୁସଲିମଙ୍କ ମଧ୍ୟରୁ ଜଣେ ଏବଂ ଭାରତର ୩ ଜଣ ମୁଖ୍ୟ ଧନପତିଙ୍କ ମଧ୍ୟରୁ ଜଣେ ।

ଦାନର ପ୍ରକାର ଭିନ୍ନ ଭିନ୍ନ । ଯେପରିକି ଅନ୍ନଦାନ, ବସ୍ତ୍ରଦାନ, ଅର୍ଥଦାନ, ସମୟଦାନ, ଗୋଦାନ, ରକ୍ତଦାନ, ଚକ୍ଷୁଦାନ, ଅଙ୍ଗଦାନ, ଶ୍ରମଦାନ ଇତ୍ୟାଦି । ଆଚାର୍ଯ୍ୟ ବିନୋବାଙ୍କ ଆନ୍ଦୋଳନର ନାମ ଥିଲା ଭୂଦାନ । ସେ ଜମିଦାର ଓ ଭୂମି ମାଲିକମାନଙ୍କୁ ନିଜର ବଳକା ଜମିକୁ ଗରିବଙ୍କୁ ଦାନ କରିଦେବାକୁ ପ୍ରେରଣା ଦେଉଥିଲେ ଏବଂ ସଂଗୃହୀତ ଜମିକୁ ଗରିବ ଭୂମିହୀନଙ୍କ ମଧ୍ୟରେ ବଣ୍ଟା ହେଉଥିଲା । ଭୂଦାନ ପରେ ଆରମ୍ଭ ହେଇଥିଲା ଗ୍ରାମଦାନ ଓ ଜୀବନଦାନ ଅଭିଯାନ । ଏହି ପ୍ରକ୍ରିୟାରେ ପ୍ରାୟ ୧୫ରୁ ୨୦ ବର୍ଷ ମଧ୍ୟରେ ଲୋକେ ଦାନ କରିଥିଲେ ୪୦ଲକ୍ଷ ଏକର ଜମି । ସେତେବେଳେ ଏହାକୁ କୁହାଯାଉଥିଲା 'ବ୍ଲଡ଼ଲେସ' ବିପ୍ଳବ । ଈଶ୍ୱର ଆମକୁ ଦୁଇଟି ଲେଖାଏଁ ହାତ ଦେଇଛନ୍ତି । ସେଥିରୁ ଗୋଟିଏ ହାତରେ ନିଜକୁ ସାହାଯ୍ୟ ପାଇଁ ଏବଂ ଆଉ ଗୋଟିଏ ହାତରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ । ଦେଉଥିବା ଲୋକେ ଦରିଦ୍ର ହୁଅନ୍ତି ନାହିଁ । ଅଧିକ ପାଇବାର ଆନନ୍ଦ ଠାରୁ ଅଧିକ ଦେବାର ଆନନ୍ଦ ବେଶୀ । ଯୀଶୁଖ୍ରୀଷ୍ଟ କହୁଥିଲେ ଧନକୁ ଚୋର ଓ ଲୁଟେରାଙ୍କ ପାଇଁ ସାଇତି ନରଖି ବାଣ୍ଟିଦେଲେ ସ୍ୱର୍ଗର ସିଂହଦ୍ୱାର ଶୀଘ୍ର ଖୋଲିଯାଏ । ପ୍ରଫେଟ ମହମ୍ମଦ ଯାହା ପାଉଥିଲେ ଅନ୍ୟକୁ ଦାନ କରୁଥିଲେ । ପାଖରେ ଗୋଟିଏ ବଳକା ମୁଦ୍ରା ଥିଲେ ତାଙ୍କୁ ରାତିରେ ଭଲକରି ନିଦ ହେଉନଥିଲା । ଗୁରୁ ଗୋବିନ୍ଦ ସିଂହ ସଉଦା ପାଇଁ ମା' ଦେଇଥିବା ପଇସା ଗରିବଙ୍କୁ ବାଣ୍ଟି ଦେଉଥିବାରୁ ମା'ଙ୍କଠାରୁ ସବୁଦିନ ଗାଳି ଖାଉଥିଲେ । ଏବେ ଭାରତରେ ପ୍ରାୟ ୨୦ ଲକ୍ଷ ସ୍ୱେଚ୍ଛାସେବୀ ଓ ଦାତବ୍ୟ ଅନୁଷ୍ଠାନ ଅଛନ୍ତି । ଏହାଛଡ଼ା କମ୍ପାନୀମାନେ ତାଙ୍କ ଲାଭାଂଶରୁ ଦୁଇ ପ୍ରତିଶତ ସମାଜ ଉନ୍ନତି ପାଇଁ ଦାନ କରିବାକୁ ସରକାରୀ ନିର୍ଦ୍ଦେଶ ମଧ୍ୟ ଅଛି । ଧନବୃଦ୍ଧି ସହ ତାଳ ଦେଇ ଦାନ ବୃଦ୍ଧି ହେଲେ ଦେଶର ଅଧିକ ସମୃଦ୍ଧି ହେବ ।

ସୁବ୍ରତ ଓ ସୁସ୍ମିତାଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସମାଜରେ ପ୍ରଗତି ଓ ଶାନ୍ତି ପ୍ରତିଷ୍ଠା ହେବ । ସବୁ ଦାତାଙ୍କୁ ସାବାସ୍ ।

# ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ (୩)

ତତକାଳୀନ ଓଡିଶା ରାଜାଏନକେ ସୈନ୍ୟ ବାହିନୀରେ ସେନା ପଦାଧିକାରୀ ଭାବେ ମାନ୍ୟତାପ୍ରାପ୍ତ ଦଳେଇ ଓ ଦଳ ବେହେରାମାନେ ବ୍ରିଟିଶ ଶାସନରେ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଏମାନଙ୍କ ମଧ୍ୟରେ ଅସନ୍ତୋଷ ବହ୍ନି ଜଳୁଥିଲା । ଜଗବନ୍ଧୁଙ୍କ ନେତୃତ୍ୱରେ ଯେଉଁ ବିଦ୍ରୋହ ଆରମ୍ଭ ହେଲା ସେମାନେ ପୂର୍ଣ୍ଣ ପ୍ରାଣରେ ଝାସ ଦେଲେ । ଇତି ମଧ୍ୟରେ କେତେକ ଘଟଣା ଘଟିଲା । ଯାହା ଜଗବନ୍ଧୁଙ୍କୁ ବିଦ୍ରୋହ କରିବା ପାଇଁ ପ୍ରେରଣା ଯୋଗାଇଲା ।

ଜାନୁଆରୀ ୧୮୧୭ ମସିହାରେ ପିଣ୍ଡାରି ନାମକ ଏକ ଦସ୍ୟୁ ଗୋଷ୍ଠୀ ଓଡିଶା ଆଡକୁ ମାଡି ଆସିଲା ଏବଂ ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଗଞ୍ଜାମ ଜିଲ୍ଲାରେ ଡକାୟତି ଲୁଣ୍ଠନ ଆରମ୍ଭ କଲେ । ଜଗର୍ନ୍ନାଥ ମନ୍ଦିର ଲୁଣ୍ଠନ କରିବା ଏବଂ କଟକ ଦଖଲ କରିବା । ସେମାନଙ୍କର ମୁଖ୍ୟ ଯୋଜନା ଥିଲା । ଫେବୃୟାରି ୧୮୧୭ ମସିହାରେ ମରାଠାମାନେ ଓଡିଶା ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ଗୋଟିଏ ଗୁଜବ ପ୍ରଚାର ହେଲା । ତତକାଳୀନ ଖୋର୍ଦ୍ଧାର ପ୍ରମୁଖ ସଭରକାର ବରଣ ପଟ୍ଟନାୟକଙ୍କର , ବକ୍ସି ଜଗବନ୍ଧୁଙ୍କ ସହିତ ପୂର୍ବର ଶତ୍ରୁତା ଥିଲା । ଏହି ସବୁ ପରିସ୍ଥିତିରୁ ସେ ଫାଇଦା ଉଠାଇବାକୁ ଚାହିଲେ । ସେ ପୋଲିସକୁ ଖବର ଦେଲେ ଯେ ପିଣ୍ଡାରି ଦସ୍ୟୁମାନେ ବକ୍ସିଙ୍କ ସହ ମିଶି ମିଳିତ ଭାବେ ବ୍ରିଟିଶ ବିରୋଧରେ ଲଢିବା ପାଇଁ ବକ୍ସିଙ୍କ ପାଖକୁ ଦୁତ ପଠାଇଥିଲେ । ଏପରିକି ବକ୍ସି ଜଗବନ୍ଧୁ ଓ ମରାଠୀଙ୍କ ମଧ୍ୟରେ ଗୋଟିଏ ଗୁପ୍ତ ବୁଝାମଣା ହୋଇଛି । ଫଳରେ ବ୍ରିଟିଶ ପୋଲିସ ଜବବନ୍ଧୁଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଲେ । ଏହି ଘଟନା ହିଁ ଶେଷରେ ବ୍ରିଟିଶ ବିରୋଧରେ ବିଦ୍ରୋହକୁ ସଂଗଠିତ କରିବା ପାଇଁ ପଥ ସୁଗମ କଲା ।

## ବିଦ୍ରୋହର ଅୟମାରମ୍ଭ

୧୮୧୭ ମାର୍ଚ୍ଚ ମାସ ଶେଷ ସପ୍ତାହର ଶହଶହ ଉତ୍ୟକ୍ତ କନ୍ଧ ଓ ଘୁମୁସୁର ଇଲାକାରୁ ବାଣପୁର ମାଳ ଅଞ୍ଚଳରେ ପହଞ୍ଚିବା । ପରେ ପାଇକ ବିଦ୍ରୋହର ବାର୍ତ୍ତା ଚାରିଆଡେ ବ୍ୟାପିଲା । ଘୁମୁସର ଅଞ୍ଚଳର କନ୍ଧ କ୍ଟ ଖୋର୍ଦ୍ଧାର ରୟତ ଓ ପାଇକମାନେ ବ୍ରିଟିଶ ଶାସନ କାଳରେ ସମଦୁର୍ଦ୍ଦଶାର ଶିକାର ହୋଇଥିବାରୁ ସେମାନେ ବ୍ରିଟିଶ ସରକାରଙ୍କ ବିରୋଧୀ ଅଭିଯାନରେ ସାମିଲ ହେଲେ । ଖୋର୍ଦ୍ଧାର ରାଜା । ୨ ୟ ମୁକୁନ୍ଦ ଦେବଙ୍କ ଭଳି , ଘୁମୁସରର ରାଜା ଶ୍ରୀକର ଭଞ୍ଜଙ୍କ ଜମିଦାରୀ ସତ୍ତ୍ୱେ ବ୍ୟାଜ୍ୟାପ୍ତି ହେବା ପରେ ତାଙ୍କୁ ମଧ୍ୟ ବନ୍ଦୀ କରାଯାଇଥିଲା । ଏଠି ସହିତ ଉଭୟ ରାଜ୍ୟର ରାଜପରିବାରର ଏବଂ ପ୍ରମୁଖ ପଦାଧିକାରୀଙ୍କ ମଧ୍ୟରେ ପୁରୁଷାନୁକ୍ରମିକ ଭାବେ ବୈବେଦେଶିକ ସମ୍ପର୍କ ରହିଥିଲା । ଏହି କାରଣରୁ ୪୦୦ ରୁ ଊର୍ଦ୍ଧ୍ୱ ଉତ୍ୟକ୍ତ କନ୍ଧ ସେମାନଙ୍କର ସର୍ଦ୍ଦାରଙ୍କ ନେତୃତ୍ୱରେ ବାଣପୁରରେ ପ୍ରବେଶ କଲେ । ଏମାନଙ୍କ ସହ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ, ଦଳେଇ, ଦଳବେହେରାମାନେ ଯୋଗ ଦେଲେ । ପରବର୍ତ୍ତୀ କାର୍ଯ୍ୟକ୍ରମ ଉପରେ ଚୁଡାନ୍ତ ନିଷ୍ପତି ନେବା ପାଇଁ ବାଣପୁରରେ ବିଦ୍ରୋହୀ ନେତାମାନଙ୍କର ଏକ ବୈଠକ ଆହୁତ ହେଲା । ବିଦ୍ରୋହୀମାନେ ବୈଠକ ପରେ ବ୍ରିଟିଶ ସରକାରଙ୍କ ସମ୍ପତ୍ତି ଲୁଣ୍ଠନ କଲେ ଏବଂ ପୋଲିସ ଷ୍ଟେସନ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ କଲେ । ସେମାନେ ପ୍ରାୟ ୧୦୦ ଜଣଙ୍କୁ ହତ୍ୟା କଲେ ଏବଂ ସରକାରଙ୍କ ଖଜଣା ଖାନାରୁ ପ୍ରାୟ ୧୫.୦୦୦ ଟଙ୍କା ଛଡାଇ ନେଇ ପଳାଇଲେ । ସେତିକି ବେଳେ ଚିଲିକା କୁଳରେ ଉପସ୍ଥିତ ଥିବା ଦକ୍ଷିଣାଞ୍ଚଳ ଲୁଣ ହାକିମ ବେଚର ବିଦ୍ରୋହୀମାନଙ୍କ ଆକ୍ରମଣ ରୁ ଅଳ୍ପଲେ ବର୍ତ୍ତିଗଲେ । ମାତ୍ର ତାଙ୍କର ନୌକାକୁ ବିଦ୍ରୋହୀମାନେ ଜବତ କରିନେଲେ ଏବଂ



ସମସ୍ତ ସମ୍ପତ୍ତି ଲୁଣ୍ଠନ କଲେ । ବାଣପୁରରୁ ବିଦ୍ରୋହୀମାନେ ଖୋର୍ଦ୍ଧା ଆଡକୁ ମାଡି ଚାଲିଲେ ବିଦ୍ରୋହୀମାନଙ୍କ ଅଭିଯାନରେ ଅଧିକ ଉତ୍ସାହିତ ହୋଇ ବାଟରେ ଶହ ଶହ ପାଇକ ସେମାନଙ୍କୁ ସହଯୋଗ ଦେଲେ । ଖୋର୍ଦ୍ଧାରେ ସେମାନେ ଖଜଣା ଖାନା ଲୁଟ କଲେ ଏବଂ କେତେକ ସରକାରୀ ଦପ୍ତରକୁ ପୋଡି ଦେଲେ । ଖୋର୍ଦ୍ଧାର ପୋଲିସ ଅଫିସରଙ୍କ ଜେନ ଚାକରଙ୍କୁ ହତ୍ୟା କଲେ ଏବଂ ଅନ୍ୟଜଣକୁ କ୍ଷତବିକ୍ଷତ କରି ପକାଇଲେ । ବିଦ୍ରୋହୀମାନଙ୍କ ଏହି ଅଭିଯାନରେ ଭୟଭୀତ ହୋଇ ଖୋର୍ଦ୍ଧାରେ ଅବସ୍ଥାପିତ ସରକାରୀ ପଦାଧିକାରୀମାନେ ଦୌଡି ପଳାଇଥିଲେ। ଏହା ପରେ ଆଉ ଦଳେ ବିଦ୍ରୋହୀ ଲିମ୍ବାଇ ପ୍ରଗନାକୁ ନିଜ ଅକ୍ତିହାରକୁ ନେବା ପାଇଁ ମାଡି ଚାଲିଲେ । ଲିମ୍ବାଇ ପ୍ରଗଣାରେ ରହୁଥିବା ଗାଁରେ ଚରଣ ପଟ୍ଟନାୟକ ନାମରେ ଜଣେ ବ୍ୟକ୍ତି କୁ ହତ୍ୟାକଲେ । ପର୍ଶୁରାମ ରାଉତରାୟ ନାମରେ ଜଣେ ପାଇକ ଚରଣ ପଟ୍ଟନାୟକ ଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଏ । ସମ୍ବଲପୁରର ରାଣୀ ମୁକ୍ତାଦେବୀଙ୍କ ଶାସନାଧଇଁ ଥିବା ପଞ୍ଚଗଡକୁ ବିଦ୍ରୋହୀର ନିଆଁ ବ୍ୟାପିଲା । ସେ ମଧ୍ୟ ବ୍ରିଟିଶ ସରକାରଙ୍କ ଅମଳର ଅନ୍ୟାୟ, ଆକ୍ରୋଶର ଶିକାର ହୋଇଥିଲେ । ବୋଲଗଡଠାରେ ବକ୍ସିଜଗବନ୍ଧୁ ବିଦ୍ରୋହୀମାନଙ୍କ ଶହ ଯୋଗ ଦେଲେ ଏବଂ ସେମାନେ ପଞ୍ଚଗଡ ଆଡକୁ ଅଗ୍ରସର ହେବା ବଟରେ ରାଣୀଙ୍କର ପାଇକମାନେ ବିଦ୍ରୋହୀମାନଙ୍କ ସହ ଯୋଗ ଦେଲେ । ସେମାନେ ରାଣୀଙ୍କର ଘର ଏବଂ ତାଙ୍କର ଦେୱାନ ସଦାଶିବ ରାୟଙ୍କୁ ଆକ୍ରମଣ କଲେ । ରାଣୀ କୌଣସି ମତେ ବିଦ୍ରୋହମାନଙ୍କ କବଳରୁ ଖସି କଟକ ପଳାଇଲେ , ମାତ୍ର ଦେୱାନଙ୍କୁ ବିଦ୍ରୋହୀମାନେ ହତ୍ୟା କଲେ । ଏହି ସମୟରେ ବକ୍ସି ଜଗବନ୍ଧୁ ଗଡଜାତ ଇଲାକାରେ ବ୍ରିଟିଶ ବିରୁଦ୍ଧ ରେ ଲୋକମାନଙ୍କୁ ମେଳି କରିବା ପାଇଁ ଉଦ୍ୟମ ଆରମ୍ଭ କଲେ । ମାତ୍ର ଜଣେ ହେଲେ ଗଡଜାତ ରାଜା ବକ୍ସି ଜଗବନ୍ଧୁ ଓ ବିଦ୍ରୋହୀମାନଙ୍କୁ ସହାୟତା ହେବାକୁ ଆଗ୍ରହ ପ୍ରକାଶ କଲେ ନାହିଁ । ପ୍ରାଥମିକ ଅବସ୍ଥାରେ ବ୍ରିଟିଶ ସରକାର ବିଦ୍ରୋହୀମାନଙ୍କ ପାଖରେ ପରାୟକ ବରଣ କଲା । ଏତେ ବଡ ଧରଣର ବିଦ୍ରୋହ ମୁଣ୍ଡ ଟେକିବ ବୋଲି ବ୍ରିଟିଶ ସରକାର କେବେ ବି ଚିନ୍ତା କରି ନଥିଲେ । ବ୍ରିଟିଶ ସୁଶାସନରେ ଲୋକମାନେ ଖୁସିରେ ଅଛନ୍ତି ବୋଲି ସେମାନଙ୍କର ଏକ ଭୁଲ ଧାରଣା ଥିଲା । ଅବଶ୍ୟ ବିଦ୍ରୋହ ଆରମ୍ଭ ହେବା ପରେ ପରେ ବିଦ୍ରୋହକୁ ଚାପି ହେବ ପାଇଁ ବ୍ରିଟିଶ ସରକାର ପଦକ୍ଷେପ ନେବା ଆରମ୍ଭ କରି ଦେଲେ । ବିଦ୍ରୋହ ସମ୍ପର୍କରେ ଗୋଇନ୍ଦା ବିଭାଗର ରିପୋର୍ଟ କଟକରେ ପହଞ୍ଚିବା ପରେ ମାଜିଷ୍ଟ୍ରେଟ ତଥା ବିଚାରପତି ଇମ୍ପେ ବିଦ୍ରୋହ ଦମନ ପାଇଁ ତତକ୍ଷାଣାତ ପଦକ୍ଷେପ ନେଲେ । ପ୍ରଥମ ପଦକ୍ଷେପ ସ୍ୱରୂପ ଲେଫଟନାଣ୍ଟ ପ୍ରିଡସ୍କ ଏବଂ ଲେଫଟନାଣ୍ଟ ଫରସଙ୍କ ନେତୃତ୍ୱରେ ଦୁଇ ଦଳ ସେନାଙ୍କୁ ଲିମ୍ବାଇ ପ୍ରଗଣାକୁ ସୁରକ୍ଷା ପ୍ରଦାନ ପାଇଁ ଯଥାକ୍ରମେ ଖୋର୍ଦ୍ଧା ଓ ପିପିଲିକୁ ପଠାଗଲା । ତାପରେ ଇମ୍ପେ ନିଜେ , ଲେଫଟନାଣ୍ଟ ଟ୍ରାଭିସ ଓ ୬୦ ଜଣ ସିପାହୀଙ୍କ ସହ ୧୮୧୭ ଏପ୍ରିଲ ପହିଲାରୁ ଖୋର୍ଦ୍ଧା ଅଭିମୁଖେ ବାହାରିଲେ ଏବଂ ପରଦିନ ଗଙ୍ଗପଡାରେ ପହଞ୍ଚିଲେ । ଗଙ୍ଗାପଡା ଖୋର୍ଦ୍ଧାଠାରୁ ୯ ମାଇଲ ଦୂରରେ ଅଟକାଇ ଦେବା ପରେ ସେ ଅତ୍ୟନ୍ତ ଭୟଭୀତ ହୋଇପଡିଲେ ଏବଂ ପରିସ୍ଥିତି ଅତ୍ୟଧିକ ଭାୟାନକ ଦିଗକୁ ଗତି କରୁଛି ବୋଲି ଆକଳନ କଲେ । ଇମ୍ପେଙ୍କୁ ପ୍ରତିରୋଧ କରିବା ପାଇଁ ରାସ୍ତାରେ ବାରିକେଡ ନିର୍ମାଣ ହୋଇଥିଲା ଏବଂ ଯଥେଷ୍ଟ ସଂଖ୍ୟକ ବିଦ୍ରୋହୀ ପ୍ରତିରୋଧ କରିବା ପାଇଁ ମହଜୁତ ଥିଲେ । ମାତ୍ର ବିଦ୍ରୋହୀଙ୍କୁ ମୁକାବିଲା କରିବା ପାଇଁ ତତକ୍ଷାଣାତ ଆବଶ୍ୟକ ପୋଲିସଙ୍କୁ ଯୋଗାଡ କରିବା ସମ୍ଭବ ନ ଥିଲା କିମ୍ବା କଟକରୁ ସିପାହୀ ଆଣିବା ସହଜ କାମ ଥିଲା । ଇତି ମଧ୍ୟରେ ପାଇକମାନଙ୍କ ସଂଖ୍ୟା ବଢି ୩୦୦୦ ରେ ଛୁଇଁଲା । ପାଇକମାନେ ଜଙ୍ଗଲରେ ଲୁଚି ଛପି ବିଦ୍ରୋହୀ ମାନଙ୍କୁ ଜଗି ରହିଥିବା ବେଳେ ବ୍ରିଟିଶ ପୋଲିସ ଖୋଲା ରାସ୍ତାରେ ବିଦ୍ରୋହୀମାନଙ୍କୁ ଜଗି ରହିଲେ । ପରିସ୍ଥିତିକୁ ଲକ୍ଷ୍ୟ କରି ଲେଫଟନାଣ୍ଟ ଟ୍ରାଭିସ ଇମ୍ପେଙ୍କୁ ପରାମର୍ଶ ଦେଲେ ପଛକୁ ହଟିଯିବା ପାଇଁ । ଇମ୍ପେ ହତାଶ ହୋଇ କଟକ ପ୍ରତ୍ୟାବର୍ତ୍ତନ କଲେ । ସରକାରଙ୍କୁ ଇମ୍ପେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ ତାହା ହେଲା " ଗୋଟିଏ ଦିନ ଓ ଗୋଟିଏ ରାତି ଅବିଶାରନ୍ତ ଭାବେ ଅଭିଯାନ ଚଳାଇବା ପରେ ମୁଁ ବର୍ତ୍ତମାନ ଖୋର୍ଦ୍ଧାରୁ ଫେରିଲି । ସରକାର ମହାଭାଗଙ୍କୁ ସୂଚନା ପ୍ରଦାନ କଲାବେଳେ ମୁଁ ଏମିତି କହିପାରେ ଯେ ପରିସ୍ଥିତିର ବାଧ ବାଧକତା ଯୋଗୁଁ ଅଞ୍ଚଳ ପାଇକମାନଙ୍କ ନିୟନ୍ତ୍ରଣରେ ରହିଛି । "ଇତିମଧ୍ୟରେ ଗଙ୍ଗପଡାଠାରେ ବିଦ୍ରୋହମାନେ ଲେଫଟନାଣ୍ଟ ଫରିଶ ଏବଂ ଜଣେ ସ୍ଥାନୀୟ ସୁଭାଦାରଙ୍କୁ ଗୁଳି କରି ମାରି ଦେଲେ ଲେଫଟନାଣ୍ଟ ଫ୍ରିଡକ୍ସ ଇତି ମଧ୍ୟରେ ଖୋର୍ଦ୍ଧାରେ ପହଞ୍ଚି ସାରିଥିଲେ । ଜଗବନ୍ଧୁଙ୍କ ନେତୃତ୍ୱରେ ୫୦୦୦ପାଇକ ତାଙ୍କୁ ପ୍ରତିରୋଧ କରିବା ପାଇଁ ଆଗେଇ ଆସୁଥିବା ଦେଖି ସେ ଭୟଭୀତ ହୋଇପଡିଲେ । ନିଜର ସମଗ୍ର ସରଞ୍ଜାମ ଫୋପାଡି ଦେଇ କୌଶଳ ମତେ ପ୍ରାଣବିକଳରେ କଟକ ଫେରି ଆସିବାକୁ ସକ୍ଷମ ହୋଇପାରିଲେ । ଏହି ଭଳି ଭାବେ ବିଦ୍ରୋହୀମାନଙ୍କ କ୍ରମବର୍ଦ୍ଧମାନ ପ୍ରତିରୋଧ ଶକ୍ତିକୁ ରୋକିବାରେ ବ୍ରିଟିଶ ସରକାରଙ୍କ ସମସ୍ତ ଉଦ୍ୟମ ପଣ୍ଡ ହୋଇଗଲା । ବିଦ୍ରୋହୀମାନଙ୍କ ଏହି ଲଗାତର ସଫଳତା ଯୋଗୁଁ ଅନ୍ୟାନ୍ୟ ଅଞ୍ଚଳକୁ ବିଦ୍ରୋହ ବ୍ୟାପିବାରେ ଲାଗିଲା । କମ ସମୟ ମଧ୍ୟରେ ଚାରିଆଡେ ବିଦ୍ରୋହ ବ୍ୟାପିଗଲା । ଏପ୍ରିଲ ୭.୧୮୧୭ ମସିହାବେଳକୁ ପାଇକମାନେ ପିପିଲି ଦଖଲ କରିନେଲେ । ଗଡ ପଦ୍ମପୁରରେ ରାଜା ବଳଭଦ୍ର ଛୋଟରାୟ ପ୍ରାୟ ୩୦୦ ପାଇକମାନଙ୍କୁ ନେଇ ବିଦ୍ରୋହୀମାନଙ୍କ ସହ ଯୋଗ ଦେଲେ । ସମଗ୍ର ଅଞ୍ଚଳରେ ବିଦ୍ରୋହୀମାନେ ଲୁଟପାଟ ଓ ପୋଡାଜଳା ଆରମ୍ଭ କରିଦେଲେ । ଇତି ମଧ୍ୟ ରେ ପୁରୀ ସହରରୁ ସୁରକ୍ଷା ପ୍ରଦାନ କରିବା ପାଇଁ କ୍ୟାପଟେନ ଉଇଲିଙ୍ଗଟେନଙ୍କୁ ପଠାଗଲା । ତାଙ୍କ ସୁପାରିଶରେ ୫୦୦ ସିପାହୀଙ୍କ ସହିତ ଲି ଫାଭେରଙ୍କୁ ଏପ୍ରିଲ ୯.୧୮୧୭ ମସିହାରେ ଖୋର୍ଦ୍ଧାରେ ପହଞ୍ଚିଥିଲେ । ବ୍ରିଟିଶ ସୈନ୍ୟ ପୁନର୍ବାର ଖୋର୍ଦ୍ଧାକୁ ନିଜ ଅକ୍ତିହାରରେ ରଖିବା ପାଇଁ ସକ୍ଷମ ହେଲେ । କିନ୍ତୁ ଠିକ ସେହିପରି ଜଗବନ୍ଧୁଙ୍କ ନେତୃତ୍ୱରେ ଘୁମୁସର ଅଞ୍ଚଳର କନ୍ଧ ଓ ପାଇକମାନେ ଲୋକନାଥ ଘାଟ ଦେଇ ପୁରୀରେ ପ୍ରବେଶ କଲେ । କେତେକ ସ୍ଥାନୀୟ ବାସିନ୍ଦା ମଧ୍ୟ ସେମାନଙ୍କ ସହ ଯୋଗ ଦେଲେ । ବିଦ୍ରୋହୀମାନେ ସରକାରୀ କଚେରୀ, ବହୁ ସାଂଖ୍ୟିକ ସରକାରୀ ଅଫିସ ଓ ସାଧାରଣ ଲୋକଙ୍କ ଘର ପୋଡି ଦେଲେ । ଏଭଳି ଏକ ଭୟାନକ ପରିସ୍ଥିତି ଉଦ୍ଭବ ହେବା ଯୋଗୁଁ ପୁରୀରେ ଅବସ୍ଥାପିତ ସମସ୍ତ ବ୍ରିଟିଶ ଅଫିସର ଭୟଭୀତ ହୋଇ କଟକ ପଳାଇ ଆସିଲେ । ବିଦ୍ରୋହୀମାନଙ୍କ ଠାରୁ ପ୍ରେରଣା ପାଇ ଜଗର୍ନ୍ନାଥ ମନ୍ଦିର ପୂଜକମାନେ ବ୍ରିଟିଶ ସରକାରଙ୍କ ପତନ ହେଲା ଏବଂ ରାଜାଙ୍କର ପ୍ରାଚୀନ ପରମ୍ପରା ବଜାୟ ରହିଲା ବୋଲି ଖୋଲାଖୋଲି ଘୋଷଣା କଲେ । ପୂଜକମାନଙ୍କ ଏଇ ଧରଣର ଘୋଷଣା ପାଇକମାନଙ୍କୁ ନୂତନ ଶକ୍ତି ଓ ସାମର୍ଥ୍ୟ ଦେବାରେ ପ୍ରେରଣା ଯୋଗାଇଲା । ଖୋର୍ଦ୍ଧାର ରାଜା ସେମାନଙ୍କ ପକ୍ଷ ସମର୍ଥନ କରି ଆଗେଇ ଆସିବେ ବୋଲି ସେମାନେ ଆଶାପୋଷଣ କଲେ । ବିଦ୍ରୋହର ନେତୃତ୍ୱ ନେବାକୁ ଏବଂ ଖୋର୍ଦ୍ଧାର ରାଜା ଭାବେ ମୁକୁନ୍ଦ ଦେବଙ୍କୁ ପୁନଃଅବସ୍ଥାପିତ କରିବା ପାଇଁ ବକ୍ସି ଜଗବନ୍ଧୁ ଏବଂ ପାଇକମାନେ ମୁକୁନ୍ଦଦେବଙ୍କୁ ତାଙ୍କ ବାସ ଭବନରେ ଭେଟି ଅନୁରୋଧ ଜଣାଇଲେ । ମାତ୍ର ସେ ଏହି ପ୍ରସ୍ତାବରେ ରାଜି ହେଲେ ନାହିଁ । ଅଧିକ ସୈନ୍ୟ ବାହିନୀ ପଠାଇବା ପାଇଁ ନିଜର ସ୍ୱତନ୍ତ୍ର ଦୂତ ପୁରୁଷୋତ୍ତମ ବେହାରୀଙ୍କ ହାତରେ ଏକ ଗୁପ୍ତଚିଠି ବ୍ରିଟିଶ ସରକାର ଙ୍କ ପାଖକୁ ପଠାଇ ଥିବା କଥା ଲୋକଙ୍କ ଠାରୁ ଶୁଣିବାକୁ ମିଳେ । ଅବଶ୍ୟ ବିଦ୍ରୋହରେ ରାଜାଙ୍କ ଭୂମିକା ସମ୍ପର୍କରେ ଯେଉଁ ତଥ୍ୟ ମିଳୁଛି ତାହା ଅତ୍ୟନ୍ତ ବିବଦମାନ । ଉଇଲିୟମ ଟ୍ରୋଭେର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ବିଦ୍ରୋହ ସଂଗଠିତ କରିବାରେ ମୁକୁନ୍ଦଦେବଙ୍କ ଭୂମିକା ଥିଲା କୌଣସି ପ୍ରମାଣ ମିଳି ନାହିଁ । ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି ଯେ " ଉଭୟ ପିତା (ମୁକୁନ୍ଦଦେବ ୨ୟ) ଏବଂ ପୁତ୍ର ବ୍ରିଟିଶ ଶାସନ ଓ ଆଇନ ବିରୁଦ୍ଧରେ ଗୁପ୍ତରେ ବିଦ୍ରୋହକୁ ସମର୍ଥନ ପ୍ରଦାନ କରିଥିଲେ । ସେମାନେ ଖୋଲାଖୋଲି ବ୍ରିଟିଶ ବିରୁଦ୍ଧରେ ଲଢେଇ କରି ନ ଥିଲେ କିନ୍ତୁ ପୁରୀରେ ଇଂରେଜ ସରକାରଙ୍କ ଟ୍ରେଜେରୀ ଲୁଟ କରିବାରେ ସେମାନଙ୍କର ପରୋକ୍ଷ ଭାବେ ଥିଲା । " ଏ ଉଭୟ ବୟାନକୁ ବିଚାରକୁ ନିଆଯାଇ ଏତିକି କୁହାଯାଇପାରେ ଯେ ରାଜା ପ୍ରଥମରୁ ବିଦ୍ରୋହକୁ ଗୁପ୍ତରେ ସମର୍ଥନ ଦେଇଥିଲେ ମାତ୍ର ପରେ ବିଦ୍ରୋହୀମାନଙ୍କ ସହ ଯୋଗ ନ ଦେଇ ନିରାପଦ ଦୁରତ୍ୱ ବଜାୟ ରଖିବା ପାଇଁ ଚାହୁଁ ଥିଲେ । (କ୍ରମଶଃ)

# କାଦୁଅ ରାସ୍ତାରେ ଧାନତଳି ରୋଇ ଗ୍ରାମବାସୀଙ୍କ ଅଭିନବ ପ୍ରତିବାଦ





ରାଇରଙ୍ଗପୁର: ସ୍ୱାଧୀନତାର ଆଠ ଦଶନ୍ଧି ପରେ ମଧ ମୟୂରଭଞ୍ଜର ଅନେକ ଗାଁକୁ ଯୋଗାଯୋଗ ହୋଇପାରିନାହିଁ। ଏଭଳି ପ୍ରାଶାସନିକ ଅବହେଳାର ଶିକାର ହୋଇଥିବା ଗାଁଗୁଡ଼ିକ ମଧ୍ୟରୁ ଗୁହାଳଡାଙ୍ଗୀ ପଞ୍ଚାୟତର ଡଙ୍ଗାପାଣି ଗାଁ ଅନ୍ୟତମ। ଅନେକ ହାରିଗୁହାରି ପରେ ମଧ ପ୍ରଶାସନ ନଶୁଣିବାରୁ ଆଜି ଗ୍ରାମବାସୀ ଅଭିନବ ପ୍ରତିବାଦ କରିଛନ୍ତି। ମାଟିକାଦୁଅ ଭରା କଚ୍ଚାରାସ୍ତାରେ ଧାନତଳି ରୋଇ ନିଜର ଅସନ୍ତୋଷ ପ୍ରଦର୍ଶନକରିଛନ୍ତି।

ଦୀର୍ଘ ୫ କିଲୋମିଟର କଚ୍ଚା ରାସ୍ତାରେ ଡଙ୍ଗାପାଣି ଗ୍ରାମର ଆଦିବାସୀଙ୍କ ଗମନାଗମନ । ଅନେକ ଦାବି ପରେ ମଧ କଂକ୍ରିଟ ପକ୍କା ରାସ୍ତା ନିର୍ମାଣ ହୋଇପାରିନାହିଁ। ଗାଁକୁ ସଂଯୋଗ ହୋଇଥିବା ଏକମାତ୍ର କଚ୍ଚା ରାସ୍ତାରେ ପାଦରେ ଚାଲି ହେଉଛି ନା ସାଇକେଲ ଗଡୁଛି ନା ଆମ୍ବୁଲାନ୍ସ ଆସୁଛି। ଫଳରେ ଗ୍ରାମବାସୀମାନେ ଅନେକ ହଇରାଣର ସାମ୍ନା କରୁଛନ୍ତି।

ଉକ୍ତ ଗ୍ରାମର ୭ ଟି ସାହିରେ ୪ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ମାଝୀସାହିଠାରୁ ବଡସାହି ୨ କିଲୋମିଟର, ମାଝୀ ସାହିରୁ ଗ୍ରାମ ଉନ୍ନୟନ ବିଭାଗର ରାସ୍ତା ସଣ୍ଡାଗୋଡା ସାହି ୧ କିଲୋମିଟର, ମାଝୀ ସାହିରୁ ସାହି ଠାରୁ ସାହିରୁ ଗ୍ରାମ ଉନ୍ନୟନ ରାସ୍ତା ୧ କିଲୋମିଟର, ସେହିପରି ଡଙ୍ଗାପାଣି ସ୍କୁଲ ଛକଠାରୁ ସୁରିଆଗୋଡା ରାସ୍ତା ୩ କି.ମି ରାସ୍ତାର ଅବସ୍ଥା କହିଲେନସରେ।

ଏଭଳି ସ୍ଥିତିରେ ଗୋଟିଏ ସାହିରୁ ଅନ୍ୟ ଏକ ସାହିକୁ ସଂଯୋଗ କରୁଥିବା ପୋଲ ଲଗାଣ ବର୍ଷାରେ ଭାଙ୍ଗି ଯିବାରୁ ଗମନାଗମନ ବିଚ୍ଛିନ୍ନ ହୋଇଯାଇଛି । ତଥାପି କଷ୍ଟେ ମାଷ୍ଟେ ଚାଲିଛି ଆଦିବାସୀଙ୍କ ଜୀବନ ଏବଂ ସେହି ରାସ୍ତା ପାଲଟିଛି ଗମନା ଗମନ ପାଇଁ ମୁଖ୍ୟ ରାସ୍ତା । ଏସିଆର ପ୍ରଥମ ଲୌହ ପଥର ଖଣି ଗୋରୁମହିଷାଣି ଓ ସୁରିୟାଗୋଡାର ସୁନାଖଣି ସେହି ଅଞ୍ଚଳରେ ଅବସ୍ଥିତ । ପୂର୍ବରୁ ବିଜେଡି ସରକାର ସମୟରେ ନିରାଶ ହୋଇଥିଲେ ଗ୍ରାମବାସୀ । ତେବେ ବର୍ତ୍ତମାନ୍ ବିଜେପି ସରକାର ସମୟରେ ଆଶା ବାନ୍ଧିଛନ୍ତି ଗ୍ରାମବାସୀ । ଧାନ ତଳି ପକାଇ ବିକ୍ଷୋଭ ପ୍ରଦର୍ଶନ ସମୟରେ ଗ୍ରାମର ପଙ୍କଜିନୀ ନାଏକ୍, ସମରି ନାଏକ୍, ଗୋବିନ୍ଦ ନାଏକ୍, ଗୁରା ନାଏକ୍, ସୁରୁମଣି ନାଏକ୍,ପ୍ରସାଦ ମୁର୍ମୁ, କାନ୍ଦେ ନାଏକ୍, ସମବାରୀ ନାଏକ୍, ଜଙ୍ଗୁଆ ନାଏକ୍, ମୁଟୁ ନାଏକ୍, କାନ୍ଦ୍ରା ନାଏକଙ୍କ ସମେତ ବହୁ ଗ୍ରାମବାସୀ ସାମିଲଥିଲେ ।

# ଆଇଆଇଏମଟିରେ ସ୍ୱାଧୀନତା ଦିବସ ପାଳନ



ଭୁବନେଶ୍ୱର : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର 'ବନ୍ଦେ ମାତରମର ୧୫୦ ବର୍ଷ' ଏବଂ 'ବିକଶିତ ଭାରତ ପାଇଁ ଯୁବ ଶକ୍ତି ଅ୨୦୪୭' ଜାତୀୟ ବିଷୟବସ୍ତୁ ଉପରେ କେନ୍ଦ୍ରିତ ଦେଶପ୍ରେମ ଉତ୍ସାହ ସହିତ ଭାରତର ୮୦ତମ ସ୍ୱାଧୀନତା ଦିବସ ପାଳନ କରିଛି। ଆଇଆଇଏମଟି ଅଧକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକଙ୍କ ଦ୍ୱାରା ଆନୁଷ୍ଠାନିକ ପତାକା ଉତ୍ତୋଳନ ସହିତ ଆରମ୍ଭ ହୋଇଥିଲା। ସେ ଛାତ୍ରଛାତ୍ରୀମାନଙ୍କୁ ନିଜକୁ ଦାୟିତ୍ୱବାନ ନାଗରିକ ଭାବରେ ବିକଶିତ କରିବା ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ ହେବାକୁ ଉତ୍ସାହିତ କରିଥିଲେ। ପରେ ଜାତୀୟ ଗୀତ ଏବଂ ଜାତୀୟ ସଙ୍ଗୀତ ପାଠ କରାଯାଇଥିଲା। ଏହି ଉତ୍ସବର ଅଂଶ ସ୍ୱରୂପ, ଆଇଆଇଏମଟି 'ଯୁବ ଶକ୍ତି ଫୋର୍ ବିକଶିତ ଭାରତଅ୨୦୪୭' ଉପରେ ଏକ ବିତର୍କ ପ୍ରତିଯୋଗିତା ଆୟୋଜନ କରିଥିଲା। ଯେଉଁଥିରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ଭାରତର ଭବିଷ୍ୟତ ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ଚିନ୍ତନଶୀଳ ଏବଂ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଧାରଣା ଉପସ୍ଥାପନ କରିଥିଲେ। ଅନେକ ଅଧାପକ ସଦସ୍ୟ ମଧ ସ୍ୱାଧୀନତା ଏବଂ ଯୁବ ଶକ୍ତି ଫୋର୍ ବିକଶିତ ଭାରତଅ୨୦୪୭ ଉପରେ ସେମାନଙ୍କର ମତାମତ ଏବଂ ପ୍ରତିଫଳନ ବାଣ୍ଟିଥିଲେ। ପ୍ରଫେସର (ଡକ୍ଟର) ପ୍ରମୋଦ କୁମାର ପୃଷ୍ଟି ଛାତ୍ର ଏବଂ ଅଧାପକମାନଙ୍କୁ ସଚ୍ଚୋଟତା ଏବଂ ପ୍ରତିବଦ୍ଧତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାକୁ ପ୍ରେରଣା ଦେଇଥିଲେ। ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ପ୍ରେରଣାଦାୟକ ଭାଷଣ ସହିତ ଶେଷ ହୋଇଥିଲା।

# ଅପହଞ୍ଚ ଅଞ୍ଚଳରେ ନିର୍ମାଣ ହେବ ୨୦୯୯ କିମି
# ୫ ବର୍ଷରେ ଖର୍ଚ୍ଚ ହେବ ୧୩୦୦ କୋଟି



ଭୁବନେଶ୍ୱର: ରାଜ୍ୟରେ ବହୁ ମାଓ ପ୍ରଭାବିତ ଜିଲ୍ଲା, ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠାରେ ଆଜି ବି ସଡ଼କ ସଂଯୋଗ ପହଞ୍ଚିନାହିଁ। ସେହି ସବୁ ଗାଁ କିମ୍ବା ଅଞ୍ଚଳକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ଦୁର୍ଗମ ଅଞ୍ଚଳର ଅଣସଂଯୁକ୍ତ ଗ୍ରାମଗୁଡ଼ିକର ସଂଯୋଗୀକରଣ (ଏମ୍ଏମ୍ଏସ୍ୱାଇ-ସିୟୁଭିଡିଏ) ଅଧୀନରେ ପାଞ୍ଚ ବର୍ଷରେ ୨୦୯୯ କିଲୋମିଟର ରାସ୍ତା ତିଆରି କରିବାକୁ ଲକ୍ଷ୍ୟ ରଖାଯାଇଛି। ୨୦୨୬-୨୭ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷରେ ଏହି ଯୋଜନାରେ ୧୩୦୦ କୋଟି ଟଙ୍କା ବ୍ୟୟ କରାଯିବ।

ସରକାରୀ ତଥ୍ୟ ଅନୁଯାୟୀ, ଏହି ଯୋଜନାରେ ମାଓ ଉପଦ୍ରୁତ ଓ ଦୁର୍ମଗ ଅଞ୍ଚଳରେ ଥିବା ଗାଁଗୁଡ଼ିକୁ ପ୍ରାଥମିକତା ଦିଆଯିବ। ମାଓ ଉପଦ୍ରୁତ ଅଞ୍ଚଳରେ ବିଏସ୍ଏଫ୍ ଯାନବାହନ ଚଳାଚଳ ସୁବିଧା ପାଇଁ ରାଜ୍ୟ ଗୁଇନ୍ଦା ବିଭାଗ ସୁପାରିସ ଆଧାରରେ ନୂଆ ରାସ୍ତା ପ୍ରକଳ୍ପ ହାତକୁ ନିଆଯିବ। ଦରକାର ସ୍ଥାନରେ ପୋଲ ମଧ ନିର୍ମାଣ କରାଯିବ। କୌଣସି ପ୍ରକାର ରାସ୍ତା କିମ୍ବା ଭିତ୍ତିଭୂମି ନିର୍ମାଣ କରିବା ପୂର୍ବରୁ ଜମି ଉପଲବ୍ଧତାକୁ ସ୍ପଷ୍ଟ କରାଯିବ। ଗ୍ରାମାଞ୍ଚଳ ସଡ଼କ ପାଇଁ ଆବଶ୍ୟକ ସମସ୍ତ ସୁରକ୍ଷା ବ୍ୟବସ୍ଥା ମଧ ଗ୍ରହଣ କରାଯିବ।

## ୫ ବର୍ଷରେ ଖର୍ଚ୍ଚ ହେବ ୧୩୦୦ କୋଟି
## ମାଓ ଉପଦ୍ରୁତ, ପାହାଡ଼ିଆ ଅଞ୍ଚଳକୁ ପ୍ରାଥମିକତା

ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ 'ଏମ୍ଏମ୍ଏସ୍ୱାଇ-ସିୟୁଭିଡିଏ' ଯୋଜନାକୁ ନେଇ ଜାରି କରାଯାଇଥିବା ଗାଇଡ୍ଲାଇନ୍ ଅନୁସାରେ ନୂଆ ରାସ୍ତା ତିଆରି କରିବା ବେଳେ ଯଦି ତାହାର ପାର୍ଶ୍ୱରେ ୨୦୦ ମିଟର ଭିତରେ ବିଦ୍ୟାଳୟ, ଡାକ୍ତରଖାନା କିମ୍ବା ବଜାର ରହିଥିବ ତେବେ ସେହି ସ୍ଥାନକୁ ମଧ ରାସ୍ତା ସଂଯୋଗ ପ୍ରଦାନ କରାଯିବ। ରାସ୍ତା ନିର୍ମାଣ ପାଇଁ ପ୍ରସ୍ତୁତ କରାଯିବାକୁ ଥିବା ଡିଟେଲ୍ ?ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର)ରେ ୫ ବର୍ଷର ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ମଧ ଯୋଡ଼ିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ଦୁର୍ଗମ, ଅପହଞ୍ଚ ଓ ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସଂଯୋଗ ନଥିବା ଜନବସତି ଓ ଗ୍ରାମଗୁଡ଼ିକୁ ସଡ଼କ ସଂଯୋଗ ପ୍ରଦାନ କରିବା ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ 'ଅଣସଂଯୁକ୍ତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ନାମରେ ନୂଆ ଯୋଜନା ଆରମ୍ଭ କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ତାହାର ନାମକୁ 'ଏମ୍ ?ଏମ୍ ?ଏସ୍ ?ୱାଇ-ସିୟୁଭିଡିଏ'କୁ ପରିବର୍ତ୍ତନ କରାଯାଇଥିଲା। ରାସ୍ତା ହେଲେ ଏହି ଅଞ୍ଚଳଗୁଡ଼ିକର ଲୋକମାନେ ଉନ୍ନତ ସ୍ୱାସ୍ଥ୍ୟ,ଶିକ୍ଷା, ଗମନାଗମନ, ପରିବହନ ସୁବିଧା ପାଇପାରିବେ। ଫଳରେ ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ହେବ ଓ ମାଓ କାର୍ଯ୍ୟକଳାପ ହ୍ରାସ ପାଇବ

# ନୋଟିସ୍ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ !

ବ୍ରହ୍ମପୁର :ଅନଧିକୃତ ନିର୍ମାଣ ଏବଂ ଆବାସିକ ଅଞ୍ଚଳରେ ବାଣିଜ୍ୟିକ କାର୍ଯ୍ୟକଳାପ ଚଳାଇବା ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ କଠୋର ଆଭିମୁଖ୍ୟ ରହିଛି। ନିୟମ ଉଲଂଘନ କରି କୋଠା ଓ ନିର୍ମାଣ ବିରୋଧରେ ପ୍ରଭାବୀ ପଦକ୍ଷେପ ଗ୍ରହଣ କରିବାକୁ ମଧ ସୁପ୍ରିମ୍କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବ୍ରହ୍ମପୁର ସହରରେ ଅନଧିକୃତ ନିର୍ମାଣ ଏବଂ ଆବାସିକ ଅଞ୍ଚଳରେ ବ୍ୟବସାୟିକ କାର୍ଯ୍ୟକଳାପର ତାଲିକା ବେଶ ଲମ୍ବା ଥିଲେ ମଧ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶ ମହାନଗର ନିଗମରେ କେତେ ଦୂର କାର୍ଯ୍ୟକାରୀ ହୋଇଛି ତାହା ଏବେ ବଡ଼ ପ୍ରଶ୍ନ। ବ୍ରହ୍ମପୁର ସହରରେ ଅନେକ ବଡ଼ ବଡ଼ କୋଠା ରହିଛି। ଆବାସିକ ଅଞ୍ଚଳ ଏଠି ବ୍ୟବସାୟିକ ପେଣ୍ଠସ୍ଥଳୀ ପାଲଟିଛି। କୋଠା ନିର୍ମାଣ ପୂର୍ବରୁ ପ୍ଲାନ୍ ଅନୁମୋଦନ ବାଧ୍ୟତାମୂଳକ ଥିଲେ ମଧ ବିନା ପ୍ଲାନ୍ ଓ ଅନୁମୋଦନରେ ମାଳ ମାଳ ନର୍ସିଂହୋମ୍ ଓ ଶିକ୍ଷାନୁଷ୍ଠାନ ଠିଆ ହୋଇଛି। ଆପାର୍ଟମେଣ୍ଟରେ ଶିକ୍ଷାନୁଷ୍ଠାନ ଓ ହଷ୍ଟେଲ ଚାଲୁଛି। ପାର୍କିଂ କି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଏହାଦ୍ୱାରା କେବଳ ଯେ ଜନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି ତା'ନୁହେଁ ବରଂ ଅର୍ବାନ୍ ଲୋକାଲ୍ ବଡି ତାର ନ୍ୟାଯ୍ୟ ରାଜସ୍ୱ ହରାଉଛି। ବହୁ ପ୍ରଭାବଶାଳୀ ବ୍ୟକ୍ତି, ବ୍ୟବସାୟୀ ବିନା ଅନୁମତିରେ ବହୁତଳ କୋଠା ନିର୍ମାଣ କରିଥିଲେ ମଧ ସବୁ ଜାଣି ପ୍ରଶାସନ ଚୁପ୍। ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ୨୦୨୨ ମସିହାରେ ବ୍ରହ୍ମପୁର ମହାନଗର ନିଗମର ଆଭ୍ୟନ୍ତରୀଣ ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ଅଧିକାରୀ। ବିନା ପ୍ଲାନ୍ ଅନୁମୋଦନରେ ନିର୍ମାଣ ହୋଇଥିବା କୋଠା ସଂଖ୍ୟା ୧୧୨, ପ୍ଲାନ୍ ଅନୁମୋଦନ ନେଇନଥିବା ସଂଖ୍ୟା ୨୮ ଏବଂ ଦଖଲ ପ୍ରମାଣପତ୍ର ହାସଲ କରିନଥିବା କୋଠା ସଂଖ୍ୟା ୬୫, ଏହିପରି ତିନୋଟି ବର୍ଗର ୨୦୫ ନିୟମ ଉଲ୍ଲଂଘନକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କୁ ଡିସେମ୍ବର ୨୦୨୨ରେ ନୋଟିସ୍ ଜାରି ହୋଇଥିଲା। ୧୫ ଦିନ ଭିତରେ ଜବାବ ଦାଖଲ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଗମ ସ୍ପଷ୍ଟ କରିଥିଲା। ଇତିମଧ୍ୟରେ ୪ବର୍ଷ ବିତିଗଲା ହେଲେ କାର୍ଯ୍ୟାନୁଷ୍ଠାନ ଶୂନ। ଅନ୍ୟପଟେ ଓଡିଏ ଓ ଓଡ଼ିଶା ମ୍ୟୁନିସିପାଲ୍ ଆକ୍ଟ ଅନୁସାରେ ପଦକ୍ଷେପ ନିଆଯାଉଥିବା କହିଛନ୍ତି ନଗର ଯୋଜନା ଅଧିକାରୀ

# ଆଇଆଇଏମଟିରେ 'ଏଆଇ ଚାଳିତ ଗବେଷଣା ଉପକରଣ, କୌଶଳ ଏବଂ ସର୍ବୋତ୍ତମ ଅଭ୍ୟାସ' ଉପରେ ଆଲୋଚନାଚକ୍ର



ଭୁବନେଶ୍ୱର : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱରରେ 'ଏଆଇ ଚାଳିତ ଗବେଷଣା ଉପକରଣ, କୌଶଳ ଏବଂ ସର୍ବୋତ୍ତମ ଅଭ୍ୟାସ' ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବିଶେଷଜ୍ଞ ଆଲୋଚନା ଆୟୋଜନ କରିଥିଲା। ଏହି ଅଧିବେଶନ ଡକ୍ଟର ନୀଲାଞ୍ଜନ ଦେ (ବରିଷ୍ଠ ସଦସ୍ୟ, ଆଇଇଇଇ), ପ୍ରଫେସର, କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗ, କୋଲକାତା, ଭାରତ ଏବଂ ଭିଜିଟିଂ ରିସର୍ଚ୍ଚ ଫେଲୋ, ରିଡିଂ ବିଶ୍ୱବିଦ୍ୟାଳୟ, ୟୁକେ ଦ୍ୱାରା ପ୍ରଦାନ କରାଯାଇଥିଲା। ଆଇଆଇଏମଟି ଅଧକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କରଙ୍କ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯିଏ ବର୍ତ୍ତମାନର ଶିକ୍ଷା, ଗବେଷଣା ଏବଂ ନବସୃଜନରେ କୃତ୍ରିମ ବୁଦ୍ଧିମତ୍ତାର ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଏମ୍ଟି ଭୁବନେଶ୍ୱରର ଏମବିଏ ବିଭାଗର ସହାୟକ ପ୍ରଫେସର ଏବଂ ଏଚ୍ଓଡି ପ୍ରଫେସର ସୋମା ମିତ୍ର ଡକ୍ଟର ନୀଲାଞ୍ଜନ ଦେଙ୍କୁ ସମାବେଶରେ ପରିଚିତ କରାଇଥିଲେ । ତାଙ୍କର ଶିକ୍ଷାଗତ ଏବଂ ଗବେଷଣାଗତ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଶେଷଜ୍ଞ ଆଲୋଚନା ପ୍ରଦାନ କରିବା ସମୟରେ, ଡକ୍ଟର ନୀଲାଞ୍ଜନ ଦେ ଏଆଇ-ଚାଳିତ ଗବେଷଣା ଉପକରଣ, ଉଦୀୟମାନ ଗବେଷଣା କୌଶଳ ଏବଂ ପ୍ରଭାବଶାଳୀ ଶିକ୍ଷାଗତ ଏବଂ ବିଦ୍ୱାନ କାର୍ଯ୍ୟ ପାଇଁ ସର୍ବୋତ୍ତମ ଅଭ୍ୟାସ ଉପରେ ଏକ ଗଭୀର ଏବଂ ବ୍ୟବହାରିକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ଅଧକ୍ଷ ପ୍ରଫେସର (ଡକ୍ଟର) ପଟ୍ଟନାୟକ ଏବଂ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କର, ଡକ୍ଟର ନୀଲାଞ୍ଜନ ଦେଙ୍କୁ ଶୈକ୍ଷିକ ସମ୍ପ୍ରଦାୟ ପ୍ରତି ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ କରିଥିଲେ।



# ସମୁଦ୍ର ଆଁରୁ ଭିଟାମାଟିକୁ ବଞ୍ଚାଇବା ପାଇଁ ୪ଖଣ୍ଡ ଗ୍ରାମବାସୀ ଗୋପାଳପୁର ପୋର୍ଟ ସମ୍ମୁଖରେ ଗଣଧାରଣା

ଛତ୍ରପୁର: ଶେଷରେ ସମୁଦ୍ର ଆଁରୁ ନିଜ ଭିଟାମାଟି ବଞ୍ଚାଇବାକୁ ନେଇ ଗ୍ରାମବାସୀଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। ବହୁବାର ଦାବି ଏବଂ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ମଧ ସମସ୍ୟାର ସମାଧାନ ଦିଗରେ ନା ପ୍ରଶାସନ ନା ଗୋପାଳପୋର୍ଟ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲାନି। ଏଣୁ ବାଧ ହୋଇ ବଡ ଆର୍ଯ୍ୟପଲ୍ଲୀ, ସାନ ଆର୍ଯ୍ୟପଲ୍ଲୀ, କତୁର ଓ କେ. ଆର୍ଯ୍ୟପଲ୍ଲୀ ୪ ଖଣ୍ଡ ଗ୍ରାମବାସୀ ସେମାନଙ୍କ ଭିଟାମାଟି ଓ ପରିବାର ବଞ୍ଚାଇବାକୁ ନେଇ ଅଧିକାର ଲଢ଼େଇ ଆରମ୍ଭ କରିଛନ୍ତି। ଆର୍ଯ୍ୟପଲ୍ଲୀ ସମୁଦ୍ର ଦିନକୁ ଦିନ କୂଳ ଲଙ୍ଘିବାର ଲାଗିଛି। କେଉଁ ମୁହୂର୍ତ୍ତରେ ଗାଁକୁ ସମୁଦ୍ର ଗ୍ରାସିବ ତାହାକୁ ନେଇ ଗ୍ରାମବାସୀ ଭୟଭୀତ ରହିଛି । ଏହାସହ ଛାତ୍ରଛାତ୍ରୀମାନେ ସ୍କୁଲରେ ପାଠପଢୁଥିବା ବେଳେ ସ୍କୁଲ ମଧ କେତେବେଳେ ସମୁଦ୍ରରେ ଲୀନ ହୋଇଯିବ ତାହାକୁ ଛାତ୍ରଛାତ୍ରୀ ଭୟଭୀତ ରହି ଅଧିକାଂଶ ଛାତ୍ରଛାତ୍ରୀ ସ୍କୁଲ ଯିବାକୁ ପଛଘୁଞ୍ଚା ହେଉଛନ୍ତି । ଏନେଇ ବାରମ୍ବାର ଦାବି କରିଲେ ସୁଦ୍ଧା କିଏ ଗୁହାରି ଶୁଣିବାକୁ ଇଛା ପ୍ରକାଶ କରୁନାହାନ୍ତି।

ଗୋଟିଏ ପଟେ ନିଜ ଭିଟାମାଟି ଓ ପରିବାରକୁ ବଞ୍ଚାଇବାକୁ ଯାଇ ସମସ୍ତଙ୍କୁ ଗୁହାରି ଜଣାଇବାଥିବା ବେଳେ କାହାରି ମଧ ଆନ୍ତରିକତା ନାହିଁ। ଏଣୁ ଶେଷରେ ଭିଟାମାଟି ଓ ପରିବାରକୁ ବଞ୍ଚାଇବା ତଥା ନିଜ ଅଧିକାର ପାଇଁ ଜୀବନକୁ ମଧ ବାଜି ଲଗାଇଲା ପର୍ଯ୍ୟନ୍ତ ଲଢ଼େଇ ତଥା ଆନ୍ଦୋଳନ କରିବା ପାଇଁ ପଛାଇବୁ ନାହିଁ ଦାବି ନେଇ ଆଜି ସମସ୍ତ ଗ୍ରାମବାସୀ ଆନ୍ଦୋଳନକୁ ଓଲ୍ହାଇଛନ୍ତି । ଗୋପାଳପୁର ପୋର୍ଟର ଦୁଇଟି ଫାଟକ ସମ୍ମୁଖରେ ଶହ ଶହ ଗ୍ରାମବାସୀ ଏବଂ ସ୍କୁଲ ଛାତ୍ରଛାତ୍ରୀ ଆନ୍ଦୋଳନରେ ବସି ରହିଛନ୍ତି। ସେମାନଙ୍କ ଦାବି ହେଉଛି, ସମୁଦ୍ର କୂଳରେ ପଥର ବନ୍ଧ ବା ଗାର୍ଡ ୱେ଼ଲ ନିର୍ମାଣ କରିବା, ଗୋପାଳପୁର ପୋର୍ଟ ଫିସେରୀ ଜେଟିରେ ଥିବା ପାହାଚ ଗୁଡିକର ମରାମତି କରିବା, ଫିସେରୀ ଜେଟିରେ ଜଳ ଓ ଆଲୋକୀକରଣ ବ୍ୟବସ୍ଥା କରିବା,



ମେରାଇନ ଥାନାଠୁ ଫିସେରୀ ଯେଟିକୁ ସଂଲଗ୍ନ ହୋଇଥିବା ରାସ୍ତାକୁ ପିଚୁ ରାସ୍ତା କରିବା ଓ ସ୍ଥାନୀୟ ବେକାର ଯୁବକ ଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଭଳି ୫ ଦଫା ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏନେଇ ସେମାନେ ପୂର୍ବରୁ ବହୁ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରିନଥିଲା।

ଗ୍ରାମବାସୀ ଭୟଭୀତ

ଆଜି ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ସେପଟେ ଗଞ୍ଜାମ ଜିଲ୍ଲାପାଳଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ସମୁଦ୍ର କୂଳ ପରିଦର୍ଶନ କରି ତୁରନ୍ତ ପଥର ବନ୍ଧ ନିର୍ମାଣ କରିବା ପାଇଁ ଗୋପାଳପୁର ପୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଜଳସେଚନ ବିଭାଗ ପକ୍ଷରୁ ଏକ ଡିପିଆର ପ୍ରସ୍ତୁତ କରାଯାଇ ପଠାଯାଇଛି, ଏହାକୁ ଅନୁମୋଦନ ହୋଇଗଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ଗଞ୍ଜାମ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଦିନେ ଗାଁ ଠୁ ସମୁଦ୍ର ୩ କିମି ଦୂରରେ ରହିଥିବା ବେଳେ ଏବେ ଆଉ ମାତ୍ର ୨୦ମିଟର ଦୂରରେ ରହିଛି ; ଏପରିକି ରାସ୍ତା, ଶ୍ମଶାନ, ସେଡ ସମୁଦ୍ରରେ ଲୀନ ହୋଇ ଗଲାଣି। କେଁଉ ମୁହୂର୍ତ୍ତରେ ପାଣି ଗାଁକୁ ଚାଲିଆସିବ ବୋଲି ଗ୍ରାମବାସୀ ଭୟଭୀତ ରହିଛନ୍ତି।

# ୧୪ ହଜାର ପ୍ରଜାତିର ପ୍ରଜାପତି ଅଛନ୍ତି ଭାରତରେ

ପ୍ରଜାପତିଙ୍କୁ ଦେଖିଲେ ଆପେ ଆପେ ଟାଣି ହୋଇ ପଳାଇଯାଏ ମନ ତାଙ୍କ ଆଡକୁ। ଗଣନାରୁ ଜଣାପଡ଼ିଛି ଯେ ଭାରତ ହେଉଛି ୧୩,୭୦୩ ପ୍ରଜାତିର ପ୍ରଜାପତି ଓ ନିଶାଚର ପ୍ରଜାପତିଙ୍କ ନିବାସ, ଯାହା ସମଗ୍ର ବିଶ୍ୱରେ ଥିବା ଏହି ପ୍ରଜାତି କୀଟଙ୍କର ପ୍ରାୟ ୮.୨୫ ପ୍ରତିଶତ। ପ୍ରାଣୀ ବିଜ୍ଞାନ ଭାଷାରେ ପ୍ରଜାପତି ଓ ନିଶାଚର ପ୍ରଜାପତି ବା ଉଡ଼ାପୋକ ପ୍ରଜାତି କୀଟଙ୍କୁ ଲେପିଡପ୍ଟେରା କୁହାଯାଏ। ଆଉ ଟିକେ ସରଳ କରି ବୁଝାଇଲେ ଏହାର ଅର୍ଥ କାତିଯୁକ୍ତ ଡେଣା ଥିବା କୀଟ। ଭଲଭାବେ ନିରୀକ୍ଷଣ କଲେ ବା ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିଲେ- ପ୍ରଜାପତି ଡେଣା ଅସୁମାରି କାତିର ସମଷ୍ଟି ବୋଲି ଜାଣିହେବ। ୧୩, ୭୦୩ ପ୍ରଜାତି ମଧ୍ୟରୁ ୧୨,୨୮୬ ହେଉଛନ୍ତି ନିଶାଚର ପ୍ରଜାପତି ବା ଉଡ଼ାପୋକ। କିନ୍ତୁ, ସାଧାରଣରେ ପ୍ରଜାପତି କୁହାଯାଉଥିବା କୀଟଙ୍କ ସଂଖ୍ୟା ମାତ୍ର ୧,୪୧୭। ୧୨ ବର୍ଷରୁ ଅଧିକ କାଳ କଠୋର ପରିଶ୍ରମ କରି 'ଜୁଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ' ଏହି ପ୍ରଜାପତି ଓ ନିଶାଚର ପ୍ରଜାପତିଙ୍କର ଗୋଟାଏ ସମଗ୍ର କ୍ୟାଟ୍‌ଲଗ୍ ବା ତାଲିକା ପୁସ୍ତକ ପ୍ରକାଶ କରିଛି। ଶତାଧିକ ବର୍ଷ ହେବ ଏହିସବୁ ପ୍ରଜାତି କୀଟ ସମ୍ବନ୍ଧୀୟ 'ଟ୍ୟାକ୍‌ସୋନୋମି' ବା ବର୍ଗୀକରଣ ଓ ନାମକରଣ ସମ୍ପୂର୍ଣ୍ଣ ହୋଇ ନ ଥିଲା।

କେନ୍ଦ୍ର ପରିବେଶ ମନ୍ତ୍ରାଳୟର ଅରଣ୍ୟ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ ଜୁଲୋଜିକାଲ୍ ସର୍ଭେ ଦ୍ୱାରା ପ୍ରସ୍ତୁତ ଏହି କ୍ୟାଟ୍‌ଲଗ୍ ୨୨ଟି ଭାଗରେ ସଙ୍କଳିତ ହୋଇଛି। ଏଥିରେ ଭାରତୀୟ ପ୍ରଜାପତି ଏବଂ ସେ ଜାତୀୟ କୀଟଙ୍କର ସମ୍ପୂର୍ଣ୍ଣ ବର୍ଗୀକରଣ କରାଯାଇଛି। ଜୁଲୋଜିକାଲ୍ ଇଣ୍ଡିଆର ଟ୍ୟାକ୍‌ସୋନୋମିଷ୍ଟ ଡକ୍ଟର ରାହୁଲ ଯୋଶୀ ଓ ଡକ୍ଟର ନବନୀତ ସିଂହଙ୍କ ଦ୍ୱାରା ରଚିତ ଏହି ସିରିଜ୍‌ର ଅନ୍ତିମ ଭାଗ ବା ସଙ୍କଳନର ଆନ୍ତର୍ଜାତିକ ଜର୍ଣ୍ଣାଲ୍ 'ଜୁଟ୍ୟାକ୍ସା'ରେ ପ୍ରକାଶ ପାଇଛି।

ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରାୟ ୧୪ ହଜାର ପ୍ରଜାତି ପ୍ରଜାପତି ଓ ନିଶାଚର ପ୍ରଜାପତି ବାସ କରୁଛନ୍ତି। ସେମାନେ ୩,୭୦୫ଟି ବର୍ଗ, ୨୪୦ଟି ଉପ-ପରିବାର, ୧୦୨ଟି ପରିବାର ଓ ୩୧ଟି ସମ୍ଭ୍ରାନ୍ତ ପରିବାର ଅନ୍ତର୍ଗତ। ଏହା ହେଉଛି ଏଯାବତ୍ ସମଗ୍ର ବିଶ୍ୱରେ ଚିହ୍ନଟ କରାଯାଇଥିବା ପ୍ରଜାପତି ପ୍ରଜାତି କୀଟ ବିବିଧତାର ପ୍ରାୟ ୮.୨୫ ପ୍ରତିଶତ।

କୋଲ୍‌କାତାସ୍ଥିତ ଜୁଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ କହନ୍ତି- ଜୈବବିବିଧତା ଗବେଷଣା, ପରିସଂସ୍ଥା ପର୍ଯ୍ୟବେକ୍ଷଣ ଓ ବୈଶ୍ୱିକ ସଂରକ୍ଷଣ ଯୋଜନା କ୍ଷେତ୍ରରେ ଏହି କ୍ୟାଟ୍‌ଲଗ୍ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ବଳ ରୂପେ ତଥ୍ୟାବଳୀ ଯୋଗାଇ ଦେବ। ଏହି କ୍ୟାଟ୍‌ଲଗ୍‌ରେ ସମ୍ପୂର୍ଣ୍ଣ ପ୍ରଜାପତି ତାଲିକା ଦିଆଯାଇଥିବା ହେତୁ ବିଭିନ୍ନ କ୍ଷେତ୍ରରେ ଏହାର ତାତ୍ପର୍ଯ୍ୟ ରହିଛି। ବାସ୍ତବିକ, ଆଜି ଆମର କ'ଣ ଅଛି ତାହା ଠିକ୍ ରୂପେ ନ ଜାଣିଲେ, ଆଗାମୀକାଲି ଆମେ ସେସବୁକୁ ସୁରକ୍ଷିତ ରଖିପାରିବା ନାହିଁ।



ଏହି ସର୍ଭେ ଗୁରୁତ୍ୱାରୋପ କରିଛି ଯେ ପ୍ରଜାପତି ଓ ନିଶାଚର ପ୍ରଜାପତିମାନେ ହେଉଛନ୍ତି ଅତ୍ୟନ୍ତ ପ୍ରଭାବଶାଳୀ ପରାଗଯୋଗକାରୀ, ତୃଣଭୋଜୀ ଓ ପଚିଶଢ଼ି ଯାଇଥିବା ଉଦ୍ଭିଦଗୁଡ଼ିକର ଅଂଶବିଶେଷ ଭକ୍ଷଣକାରୀ। ଦିନବେଳା ପ୍ରଜାପତିମାନେ ଉଦ୍ଭିଦମାନଙ୍କର ପରାଗଯୋଗ କରୁଥିବା ବେଳେ ନିଶାଚର ପ୍ରଜାପତିମାନେ ରାତ୍ରରେ ପରାଗଯୋଗ କରନ୍ତି। ତେଣୁ, ଏମାନଙ୍କ ଦ୍ୱାରା ପରାଗଯୋଗ କ୍ରିୟା ନିରନ୍ତର ଚାଲିବା ସମ୍ଭବ ହୋଇଥାଏ। କେବଳ ଏତିକି ନୁହେଁ, ପକ୍ଷୀ, ବାଦୁଡ଼ି, ସରୀସୃପ ଏବଂ ଅନ୍ୟାନ୍ୟ କୀଟଭୋଜୀଙ୍କ ଖାଦ୍ୟ-ଶୃଙ୍ଖଳରେ ଏମାନଙ୍କ ଭୂମିକା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରଜାପତି ଓ ନିଶାଚର ପ୍ରଜାପତିମାନଙ୍କୁ ଅତି ମହତ୍ତ୍ୱପୂର୍ଣ୍ଣ ଖାଦ୍ୟ ଉତ୍ସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅସୁମାରି ପକ୍ଷୀ ଓ ବାଦୁଡ଼ିଙ୍କ ଆହାର ହେଉଥିବାରୁ ସେମାନେ ଖାଦ୍ୟ ଶୃଙ୍ଖଳର ପ୍ରାରମ୍ଭିକ ସ୍ଥାନରେ ରହିଛନ୍ତି ବୋଲି କୁହାଯାଉଛି। କୃଷି ଓ ବନୀକରଣ ନିମନ୍ତେ ଏମାନଙ୍କ ମଧ୍ୟରୁ ଅନେକ ପ୍ରଜାତିଙ୍କ ଉଲ୍ଲେଖଯୋଗ୍ୟ ଭୂମିକା ରହିଛି।

ସମ୍ପ୍ରତି ଜଙ୍ଗଲ ପଦା କରିବା, ସହରୀକରଣ ଓ ଜମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ପ୍ରଜାପତିମାନଙ୍କ ପ୍ରଜନନ ଓ ଖାଦ୍ୟ କ୍ଷେତ୍ର ସଙ୍କୁଚିତ ହୋଇଯାଉଛି। ଜଳବାୟୁ ପରିବର୍ତ୍ତନ ମଧ୍ୟ ସେମାନଙ୍କ ବାସସ୍ଥାନ, ଜୀବନଚକ୍ର ଓ ବଞ୍ଚି ରହିବା ପାଇଁ ସେମାନେ ନିର୍ଭର କରୁଥିବା ବୃକ୍ଷଲତା ପ୍ରତି କ୍ଷତି ସାଧନ କରୁଛି। ଫସଲରେ ମାତ୍ରାଧିକ କୀଟନାଶକ ପ୍ରୟୋଗ ଯୋଗୁଁ ସେମାନଙ୍କ ଶୂକକୀଟ ମରିବା ସହିତ ପ୍ରଜାପତିମାନେ ବି ମୃତ୍ୟୁମୁଖରେ ପଡୁଛନ୍ତି। ଏହାଛଡ଼ା, ଆଲୋକ ପ୍ରଦୂଷଣ ଯୋଗୁଁ ନିଶାଚର ପ୍ରଜାପତିମାନଙ୍କର ଆଚରଣଗତ ପରିବର୍ତ୍ତନ ଘଟୁଛି ଏବଂ ଗନ୍ତବ୍ୟରେ ପହଞ୍ଚି ନ ପାରି ସେମାନେ ଦିଗହରା ହୋଇଯାଉଛନ୍ତି।



*ଅପରାହ୍ନ ସୁଦ୍ଧା, ଉଷ୍ମ, ଅତ୍ୟଧିକ ଆର୍ଦ୍ର ବାୟୁ ହାଲୁକା ହୋଇଯାଏ ଏବଂ ବାୟୁମଣ୍ଡଳରେ ବହୁତ ଉଚ୍ଚତାକୁ ଉଠେ। ଉଚ୍ଚ ଉଚ୍ଚତାରେ ବାୟୁମଣ୍ଡଳର ତାପମାତ୍ରା ହ୍ରାସ ପାଇବା ସହିତ, ଏହି ଉଷ୍ମ ବାୟୁ ଥଣ୍ଡା ହେବାକୁ ଆରମ୍ଭ କରେ, ଯାହା ଫଳରେ ଏଥିରେ ଥିବା ଜଳୀୟ ବାଷ୍ପ ଛୋଟ ଛୋଟ ଜଳ ବିନ୍ଦୁରେ ପରିଣତ ହୁଏ। ଏହି ପ୍ରକ୍ରିୟା ପରେ, ଆକାଶରେ ଘନ, ଭାରୀ ମେଘ ସୃଷ୍ଟି ହେବା ଆରମ୍ଭ ହୁଏ।*

# ୪ଟା ବାଜିଲେ ବର୍ଷା ହୁଏ କାହିଁକି ? ଜାଣନ୍ତୁ ରହସ୍ୟ

ବିଶ୍ୱ ଅନେକ ଅନନ୍ୟ ଏବଂ ଆଶ୍ଚର୍ଯ୍ୟଜନକ ପାଣିପାଗ ଘଟଣା ଦେଖିଥାଏ, କିନ୍ତୁ ବିଷୁବ ରେଖା ନିକଟରେ ଘଟୁଥିବା ଏକ ଘଟଣା ବୈଜ୍ଞାନିକ ଏବଂ ସାଧାରଣ ଲୋକଙ୍କୁ ଉଭୟଙ୍କୁ ଆଶ୍ଚର୍ଯ୍ୟ କରେ। ଏହି ଅଞ୍ଚଳର କିଛି ଅଂଶରେ, ପ୍ରତିଦିନ ପ୍ରାୟ ସମାନ ସମୟରେ – ବିଶେଷକରି ଅପରାହ୍ନ ୪ଟା ସମୟରେ ହଠାତ ଘନ କଳା ମେଘ ଆକାଶକୁ ଆଚ୍ଛାଦିତ କରିଦିଏ ଏବଂ ମୁଷଳଧାରାରେ ବର୍ଷା ଆରମ୍ଭ ହୁଏ। ପାଣିପାଗ ବିଜ୍ଞାନର ଭାଷାରେ, ଏହି ଅନନ୍ୟ ଘଟଣା "୪ଟା ବର୍ଷା" ଭାବରେ ଜଣାଶୁଣା। ଯଦିଓ ଏହା ପ୍ରାରମ୍ଭରେ ଏକ ରହସ୍ୟ, ଏକ ଚମତ୍କାର କିମ୍ବା ଯାଦୁ ପରି ଶୁଭିପାରେ, ଏହା ପଛରେ ଏକ ସଠିକ ଏବଂ ଆକର୍ଷଣୀୟ ବୈଜ୍ଞାନିକ ପ୍ରକ୍ରିୟା ରହିଛି।

ବିଷୁବ ରେଖା ହେଉଛି ପୃଥିବୀର କେନ୍ଦ୍ର ଦେଇ ଗତି କରୁଥିବା ଏକ କାଳ୍ପନିକ ରେଖା, ଯାହା ଗ୍ରହକୁ ସମାନ ଭାବରେ ଉତ୍ତର ଏବଂ ଦକ୍ଷିଣ ଗୋଲାର୍ଦ୍ଧରେ ବିଭକ୍ତ କରେ। ଏହି ଅନନ୍ୟ ଭୌଗୋଳିକ ଅବସ୍ଥିତି ଯୋଗୁଁ, ସୂର୍ଯ୍ୟଙ୍କ କିରଣ ବର୍ଷସାରା ସିଧାସଳଖ ଆଘାତ କରେ, ଯାହା ଫଳରେ ସ୍ଥିର ଭାବରେ ଉଚ୍ଚ ତାପମାତ୍ରା ଏବଂ ତୀବ୍ର ଉତ୍ତାପ ସୃଷ୍ଟି ହୁଏ। ବିଷୁବ ରେଖା ଚାରିପାଖରେ ଥିବା ବିଶାଳ ମହାସାଗର, ନଦୀ ଏବଂ ଘନ ବର୍ଷା ଜଙ୍ଗଲ ବାୟୁକୁ ନିରନ୍ତର ଆର୍ଦ୍ର ରଖେ। ଦିନ ଆରମ୍ଭରୁ ଆରମ୍ଭ ହେଉଥିବା ପ୍ରବଳ ସୂର୍ଯ୍ୟକିରଣ ଏବଂ ଉତ୍ତାପ ଦ୍ୱାରା ଚାଳିତ, ଏହି ଉତ୍ସଗୁଡ଼ିକରୁ ପାଣି ଦ୍ରୁତ ଗତିରେ ବାଷ୍ପରେ ପରିଣତ ହୁଏ ଏକ ପ୍ରକ୍ରିୟା ଯାହାକୁ ବୈଜ୍ଞାନିକ ଭାବରେ ବାଷ୍ପୀଭବନ କୁହାଯାଏ। ଦିନ ବଢ଼ିବା ସହିତ, ବାୟୁରେ ଆର୍ଦ୍ରତା କ୍ରମାଗତ ଭାବରେ ବୃଦ୍ଧି ପାଏ।


ଅପରାହ୍ନ ସୁଦ୍ଧା, ଉଷ୍ମ, ଅତ୍ୟଧିକ ଆର୍ଦ୍ର ବାୟୁ ହାଲୁକା ହୋଇଯାଏ ଏବଂ ବାୟୁମଣ୍ଡଳରେ ବହୁତ ଉଚ୍ଚତାକୁ ଉଠେ। ଉଚ୍ଚ ଉଚ୍ଚତାରେ ବାୟୁମଣ୍ଡଳର ତାପମାତ୍ରା ହ୍ରାସ ପାଇବା ସହିତ, ଏହି ଉଷ୍ମ ବାୟୁ ଥଣ୍ଡା ହେବାକୁ ଆରମ୍ଭ କରେ, ଯାହା ଫଳରେ ଏଥିରେ ଥିବା ଜଳୀୟ ବାଷ୍ପ ଛୋଟ ଛୋଟ ଜଳ ବିନ୍ଦୁରେ ପରିଣତ ହୁଏ। ବୈଜ୍ଞାନିକ ଦୃଷ୍ଟିରୁ, ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଘନୀଭୂତ କୁହାଯାଏ। ଏହି ପ୍ରକ୍ରିୟା ପରେ, ଆକାଶରେ ଘନ, ଭାରୀ ମେଘ ସୃଷ୍ଟି ହେବା ଆରମ୍ଭ ହୁଏ। ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ, ଏହି ମେଘ ମଧ୍ୟରେ ଜମା ହୋଇଥିବା ଜଳ ବିନ୍ଦୁ ଏତେ ଭାରୀ ହୋଇଯାଏ ଯେ ସେଗୁଡ଼ିକ ଆଉ ବାୟୁରେ ଝୁଲି ରହିପାରିବ ନାହିଁ।

ଏହି ପ୍ରାକୃତିକ ଘଟଣା ପ୍ରାୟ ଅପରାହ୍ନ ୪ଟା ସମୟରେ ଏହାର ଶୀର୍ଷରେ ପହଞ୍ଚିଥାଏ, ତା'ପରେ ପ୍ରବଳ ବର୍ଷା ଆରମ୍ଭ ହୁଏ, ତା'ପରେ ବିଜୁଳି ଏବଂ ଘଡ଼ଘଡ଼ି ସହିତ। ପ୍ରାୟ ଗୋଟିଏରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ନିରନ୍ତର ବର୍ଷା ହେବା ପରେ, ପାଗ ସମ୍ପୂର୍ଣ୍ଣ ସଫା ହୋଇଯାଏ। ସ୍ଥାନୀୟ ବାସିନ୍ଦା ଏହି ନିୟମିତ ବର୍ଷାକୁ ଚାରିପାଖରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟକଳାପ ଯୋଜନା କରନ୍ତି। ପାଣିପାଗ ବିଜ୍ଞାନରେ, ଏହାକୁ 'ପରିବାହୀ ବର୍ଷା' କୁହାଯାଏ। ପ୍ରକୃତିର ଏହି ଅନନ୍ୟ ଏବଂ ସମୟାନୁବର୍ତ୍ତୀ ପ୍ରଦର୍ଶନ ନିୟମିତ ଭାବରେ ମୁଖ୍ୟତଃ ଆଫ୍ରିକାର କଙ୍ଗୋ ଅବବାହିକା, ଦକ୍ଷିଣ ଆମେରିକାର ଆମାଜନ ବର୍ଷାଜଳ ଏବଂ ଦକ୍ଷିଣ-ପୂର୍ବ୍ୱ ଏସିଆର କିଛି ଦ୍ୱୀପପୁଞ୍ଜରେ ପରିଲକ୍ଷିତ ହୁଏ।

# ସବୁବେଳେ ୪ ପ୍ରକାର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ

ଚାଣକ୍ୟ ନୀତି ହେଉଛି ଆଚାର୍ଯ୍ୟ କୌଟିଲ୍ୟଙ୍କ କୃତୀ। ଆଚାର୍ଯ୍ୟ ଚାଣକ୍ୟଙ୍କ ନୀତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ଜୀବନର ନୈତିକ ଶିକ୍ଷା, ପ୍ରତ୍ୟେକଙ୍କ ପାଇଁ ଏବଂ ପ୍ରତ୍ୟେକ ଯୁଗରେ ଉପଯୋଗୀ। ଏହି କାରଣରୁ ତାଙ୍କ ବାଣୀ, ଶିକ୍ଷା ଏବଂ ନୀତି ଆଜି ମଧ୍ୟ ଅନୁସରଣ କରାଯାଏ। ଆଚାର୍ଯ୍ୟ ଚାଣକ୍ୟ କହିଥିଲେ ଯେ, ଜୀବନରେ ସର୍ବଦା ୪ ପ୍ରକାରର ଲୋକଙ୍କଠାରୁ ଦୂରେଇ ରହିବା ଉଚିତ, ନଚେତ୍ ଜୀବନରେ ଖରାପ ସମୟ ଏବଂ ଦୁଃଖକୁ ନିମନ୍ତ୍ରଣ କରିବେ। ଆସନ୍ତୁ ଜାଣିବା ଏହି ୪ ପ୍ରକାର ବ୍ୟକ୍ତି କିଏ।

ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତି ଗ୍ରନ୍ଥରେ ଲେଖିଛନ୍ତି ଯେ, ଯେଉଁମାନେ ଗୋଟିଏ କଥା କୁହନ୍ତି ଏବଂ ଅନ୍ୟ ଏକ କରନ୍ତି, ଅର୍ଥାତ୍ ଯେଉଁମାନଙ୍କର କଥା ଏବଂ କାର୍ଯ୍ୟ ଭିନ୍ନ, ସେମାନେ ବହୁତ ବିପଦଜନକ। ସର୍ବଦା ଏପରି ଲୋକଙ୍କଠାରୁ ସତର୍କ ରହିବା ଉଚିତ, ନଚେତ୍ ତୁମେ ଯେକୌଣସି ସମୟରେ ପ୍ରତାରିତ ହୋଇପାର।



ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ତୁମ ସାମ୍ନାରେ ତୁମର ପ୍ରଶଂସା କରିବେ କିନ୍ତୁ ତୁମର ପଛ ପଛରେ ତୁମ ବିରୋଧରେ ଷଡ଼ଯନ୍ତ୍ର କରିବାକୁ ପଛଘୁଞ୍ଚା ଦେବେ ନାହିଁ। ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି ଯେ, ଏପରି ଲୋକମାନେ ସାପ ପରି ବିଷାକ୍ତ। ସେମାନଙ୍କଠାରୁ ଦୂରେଇ ରହିବା ଭଲ। ଆଚାର୍ଯ୍ୟ ଚାଣକ୍ୟ କହିଛନ୍ତି, ଭୁଲରେ ମଧ୍ୟ ମୂର୍ଖଙ୍କ ସହିତ ବନ୍ଧୁତା କରିବା ଉଚିତ୍ ନୁହେଁ; ବରଂ ଶତ୍ରୁ ଏହାଠାରୁ ଭଲ। ସେ କହିଛନ୍ତି, ଏପରି ଲୋକଙ୍କୁ ଜ୍ଞାନ ଦେବା କିମ୍ବା ବୁଝିବା ମୁଣ୍ଡ ନୁଆଁଇବା ପରି। ସେମାନେ ସର୍ବଦା ଯନ୍ତ୍ରଣା ଏବଂ ଅପମାନ ଦେଇଥାନ୍ତି।

ଯେଉଁ ଲୋକମାନେ ସବୁବେଳେ ଈର୍ଷା, ଲୋଭ ଏବଂ ନକାରାତ୍ମକତାରେ ପରିପୂର୍ଣ୍ଣ ଥାଆନ୍ତି, ସେମାନଙ୍କ ସହିତ କୌଣସି ପ୍ରକାରର ଦୟା ଦେଖାଇବା ଉଚିତ୍ ନୁହେଁ କିମ୍ବା ସେମାନଙ୍କ ସହିତ କୌଣସି ପ୍ରକାରର ସମ୍ପର୍କ ରଖିବା ଉଚିତ୍ ନୁହେଁ। ଏହି ଲୋକମାନଙ୍କ ସହିତ କୌଣସି ପ୍ରକାରର ସମ୍ପର୍କ ରଖିବା ବିପର୍ଯ୍ୟୟକୁ ନିମନ୍ତ୍ରଣ କରିବା ସହିତ ସମାନ।

# ଶରୀରରେ ପ୍ରୋଟିନର ଅଭାବ ପୂରଣ କରେ କୋଳଥ ଡାଲି

କୋଳଥ ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ବୋଲି କୁହାଯାଏ। ଆୟୁର୍ବେଦ ଅନୁସାରେ, ଏହି କୋଳଥ ଡାଲି ଶରୀରରେ କଫ ଓ ବାତ ଦୋଷକୁ କମାଇବା ସହ ସହଜରେ ହଜମ ହୋଇଥାଏ। ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁସାରେ, ଯେଉଁମାନେ ଶରୀରରେ ପ୍ରୋଟିନ୍‌ର ଅଭାବରେ ପୀଡ଼ିତ, ସେମାନଙ୍କ ପାଇଁ କୁଳଥି ଡାଲି ଅତ୍ୟନ୍ତ ଉପକାରୀ। ଆପଣ ଯଦି ଶାକାହାରୀ ଏବଂ ପ୍ରୋଟିନ୍‌ରେ ଭରପୂର ଖାଦ୍ୟ ଖୋଜୁଛନ୍ତି, ତେବେ କୋଳଥ ଡାଲିକୁ ନିଶ୍ଚୟ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏଥିରେ କେବଳ ପ୍ରୋଟିନ୍ ନୁହେଁ, ବରଂ ଫାଇବର, ଆଇରନ୍, କ୍ୟାଲସିୟମ୍ ଓ ଆଣ୍ଟିଅକ୍ସିଡେଣ୍ଟ୍ସ ମଧ୍ୟ ପ୍ରଚୁର ପରିମାଣରେ ରହିଛି। ଯଦି ଆପଣ କିଡନି ଷ୍ଟୋନ୍ ସମସ୍ୟାରେ ପୀଡ଼ିତ, ତେବେ କୋଳଥ ଡାଲି ଲାଭଦାୟକ ହୋଇପାରେ। ଏଥିରେ ଥିବା ଗୁଣ ପଥରକୁ ଭାଙ୍ଗିବାରେ ସହାୟକ ବୋଲି ମନାଯାଏ। ଏହା ପରିସ୍ରାର ପରିମାଣ ବଢ଼ାଇ ଶରୀରରୁ ଷ୍ଟୋନ୍ ବାହାର କରିବାରେ ସହଯୋଗ କରିପାରେ। କୋଳଥ ଡାଲିରେ ପ୍ରଚୁର ପ୍ରୋଟିନ୍ ଓ ଫାଇବର ଥିବାରୁ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଭରିଥିବା ଅନୁଭବ କରାଏ, ଯାହା ଓଜନ କମାଇବାରେ ସହାୟକ ହୋଇପାରେ। ଏହା ମାଂସପେଶୀକୁ ମଜବୁତ କରିବାରେ ମଧ୍ୟ ସାହାଯ୍ୟ କରେ ଏବଂ ଏଥିରେ କ୍ୟାଲୋରି ମାତ୍ରା ଖୁବ କମ୍ ଥାଏ।



ବାରମ୍ବାର ସର୍ଦ୍ଦି, ନାକରେ ଅଧିକ କଫ, ଶ୍ୱାସ ନେବାରେ ଅସୁବିଧା କିମ୍ବା ସାଇନସ୍ ସମସ୍ୟା ଥିଲେ କୋଳଥ ଡାଲି ଉପକାରୀ ହୋଇପାରେ। ଏହାକୁ କାଢ଼ା ଆକାରରେ ମଧ୍ୟ ସେବନ କରାଯାଇପାରେ। ଯେଉଁମାନଙ୍କର ଖାଦ୍ୟ ଭଲଭାବେ ହଜମ ହୁଏ ନାହିଁ, ପେଟରେ ଗ୍ୟାସ୍ ହୁଏ କିମ୍ବା ବାରମ୍ବାର ଢକାର ଆସେ, ସେମାନେ କୋଳଥ ଡାଲିକୁ ନିଜ ଡାଏଟ୍‌ରେ ସାମିଲ କରିପାରନ୍ତି। ଫାଇବରରେ ଭରପୂର ହେବାରୁ ଏହା ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟକ। କୋଳଥ ଡାଲିରେ ଥିବା କ୍ୟାଲସିୟମ୍ ଓ ଫସଫରସ୍ ହାଡ଼କୁ ମଜବୁତ କରିବାରେ ସହାୟକ। ଏଥିସହ ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲାମେଟୋରି ଗୁଣ ଶରୀରର ସୁଜନ ଏବଂ ଗଣ୍ଠି ଯନ୍ତ୍ରଣା କମାଇବାରେ ଉପକାରୀ ହୋଇପାରେ।





*ତ୍ରିପୁରାର ୨୩ ବର୍ଷୀୟା ଅସ୍ମିତା ଦେ କମନୱେଲଥ୍ ଗେମ୍ସର ମହିଳା ୪୮କେଜି ଜୁଡୋ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲରେ କାନାଡାର ହେଡି କ୍ୱାଚଙ୍କୁ ପରାସ୍ତ କରି ସେ ଭାରତ ପାଇଁ ଗର୍ବ ଆଣିଛନ୍ତି। ଏହାସହ ବାପାଙ୍କ ଅଧୁରା ସ୍ୱପ୍ନର ପୂରଣ କରିଛନ୍ତି ଅସ୍ମିତା।*

## ସାଇକେଲ ସଜାଡି ଝିଅକୁ କଲେ ମଣିଷ

# ବାପାଙ୍କ ସ୍ୱପ୍ନ ପୂରଣ କଲା ସୁନା ଝିଅ ଅସ୍ମିତା

ତ୍ରିପୁରାର ୨୩ ବର୍ଷୀୟା ଅସ୍ମିତା ଦେ କମନୱେଲଥ୍ ଗେମ୍ସର ମହିଳା ୪୮କେଜି ଜୁଡୋ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲରେ କାନାଡାର ହେଡି କ୍ୱାଚଙ୍କୁ ପରାସ୍ତ କରି ସେ ଭାରତ ପାଇଁ ଗର୍ବ ଆଣିଛନ୍ତି। ଏହାସହ ବାପାଙ୍କ ଅଧୁରା ସ୍ୱପ୍ନର ପୂରଣ କରିଛନ୍ତି ଅସ୍ମିତା।

ଯିଏ ନିଜ ଝିଅକୁ ଚାମ୍ପିୟନ୍ କରିବା ପାଇଁ ସାରା ଜୀବନ ସଂଘର୍ଷ କଲେ। କିନ୍ତୁ ଦୁଃଖର ବିଷୟ ଝିଅ ଗଳାରେ ସୁନା ପଦକ ଦେଖିବା ପୂର୍ବରୁ ଆଖି ବୁଜିଦେଲେ। ପଦକ ଜିତିବା ପରେ ଅସ୍ମିତାଙ୍କ ଆଖିରେ ଲୁହ ଥିଲା। କାରଣ ସେ ଜାଣିଥିଲେ ଆଜି ଯଦି ତାଙ୍କ ବାପା ଥାଆନ୍ତେ, ଏହି ପଦକ ଦେଖି ସବୁଠାରୁ ଅଧିକ ଖୁସି ହୋଇଥାଆନ୍ତେ ।

ଅସ୍ମିତାଙ୍କ ବାପା ସାଇକେଲ ମରାମତି କରି ପରିବାର ଚଳାଉଥିଲେ। ମାସକୁ ମାତ୍ର ୩୦୦ ଟଙ୍କା ରୋଜଗାର କରୁଥିଲେ, କିନ୍ତୁ ଝିଅର ସ୍ୱପ୍ନ ପାଇଁ କେବେ ପଛକୁ ହଟିନଥିଲେ। ହେଲେ କମନୱେଲଥ ଗେମର ଠିକ ସାତ ମାସ ପୂର୍ବରୁ ତାଙ୍କର ଦେହାନ୍ତ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ଅସ୍ମିତା ଭାବିଥିଲେ ସବୁକିଛି ଶେଷ ହୋଇଗଲା। କାରଣ ସିଏ ତାଙ୍କର ସବୁଠାରୁ ବଡ଼ ସମର୍ଥକ ଥିଲେ। ହେଲେ ସେତେବେଳେ ଅସ୍ମିତା ମାଆ ଝିଅର ସ୍ୱପ୍ନକୁ ବଞ୍ଚାଇ ରଖିବା ପାଇଁ ନିରନ୍ତର ସଂଘର୍ଷ କରି ଚାଲିଲେ। ଆଉ ଶେଷରେ ଏହି ପରିବାରର ସଂଘର୍ଷ ଏକ ସୁନାର ପଦକ ହୋଇ ଅସ୍ମିତାଙ୍କ ଗଳାରେ ପଡ଼ିଲା। ଏହା କେବଳ ଅସ୍ମିତା ବିଜୟ ନଥିଲା ବରଂ ଜଣେ ସଂଘର୍ଷୀ ବାପାଙ୍କ ସ୍ୱପ୍ନର ମଧ୍ୟ ବିଜୟ ଥିଲା।

ଓଡ଼ିଶା ନିଶବ୍ଦ
THE ODISHA NISHABDA

## ୧୦୦ କୋଟିର ମାଲିକ
# ଅଟୋରେ କରନ୍ତି ଯାତ୍ରା



୧୦୦ କୋଟିର ମାଲିକଙ୍କ ସାଧାରଣ ଜୀବନ । କୋଟିପତି ହେଲ ବି ଅଟୋରେ କରନ୍ତି ଯାତ୍ରା । ବ୍ୟବହାର ତାଙ୍କର ଅତି ସରଳ । ସୋସିଆଲ ମିଡିଆରେ ଏହି ଛୋଟିଆ ପୋଷ୍ଟଟିଏକୁ ନେଇ ଏବେ ଖୁବ୍ ଚର୍ଚ୍ଚା । 'Naturally Yours' ନୁଡୁଲ୍ ବ୍ରାଣ୍ଡର ପ୍ରତିଷ୍ଠାତା ବିନୋଦ ଚେନ୍ଦିଲ୍ ତାଙ୍କ 'ଢ' ହ୍ୟାଣ୍ଡେଲରେ ଏକ ଆଶ୍ଚର୍ଯ୍ୟଜନକ କାହାଣୀ ସେୟାର କରିଛନ୍ତି । ସେ ତାଙ୍କ ଏକ୍ସରେ ଲେଖିଛନ୍ତି, ମୋର ପ୍ରତିଷ୍ଠିତ ବନ୍ଧୁଙ୍କର ୧୦୦ କୋଟି ଟଙ୍କାର ସଂପତ୍ତି ରହିଛି । ସେ ଆଜି ବି ସାଧାରଣ ଲୋକଙ୍କ ପରି ଜୀବନ ଯାପନ କରୁଛନ୍ତି । ମୁମ୍ବାଇର ଅଟୋରିକ୍ସାରେ ସେ ଯାଆଆସ କରନ୍ତି । ସେ ସାଧାରଣ ହୋଟେଲରେ ବି ରୁହନ୍ତି । ଏତେ ସମ୍ପତ୍ତି ଥିଲେ ମଧ ସେ କେବେ ମହଙ୍ଗା ଗାଡ଼ି କିଣିବାକୁ ଆଗ୍ରହ ଦେଖାଇନାହାନ୍ତି । ବୋଲି ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି। ଏହି ପୋଷ୍ଟଟି ସୋସିଆଲ ମିଡିଆକୁ ଆସିବା ପରେ ଖୁବ୍ ଚର୍ଚ୍ଚା ହେଉଛି । ଜଣେ ଏହାକୁ ପ୍ରଶଂସା କରି କହିଛନ୍ତି, ଏହା ସରଳତା ଓ ସଂଯମର ଉଦାହରଣ। ତଥାପି, ଅନ୍ୟ କିଛି ଲୋକ ଏହା ଆଶ୍ଚର୍ଯ୍ୟ କରିଛି।

## ତିନି ଶିକ୍ଷାର୍ଥୀଙ୍କ ନୂଆ ଉଭାବନ ପାଣିରୁ ଛାଣିବ ମାଇକ୍ରୋପ୍ଲାଷ୍ଟିକ୍

ଆଜିକାଲି ମାଇକ୍ରୋପ୍ଲାଷ୍ଟିକ୍ ଚାରିଆଡ଼େ ପଡୁଛି । ନଦୀରେ, କଳ ପାଣିରେ, ପ୍ୟାକେଜ୍ଡ୍ ଖାଦ୍ୟରେ ଏବଂ ମନୁଷ୍ୟ ଶରୀରରେ ମଧ ମାଇକ୍ରୋପ୍ଲାଷ୍ଟିକ୍ ? ଦେଖାଯାଉଛି । ଅବଶ୍ୟ ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଏହା କିଭଳି କୁପ୍ରଭାବ ପକାଉଛି, ସେ ସଂକ୍ରାନ୍ତରେ ବେ ?ଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି । ତାହା ଜାଣିବାକୁ ଆହୁରି ବେଶ୍ କିଛିଦିନ ଲାଗିବ । କିନ୍ତୁ, ପରିବେଶ ଉପରେ ମାଇକ୍ରୋପ୍ଲାଷ୍ଟିକ୍‌ଜନିତ ବିପତ୍ତି ପ୍ରମାଣିତ ହୋଇସାରିଲାଣି । ତନ୍ମଧ୍ୟରୁ ମାଇକ୍ରୋପ୍ଲାଷ୍ଟିକ୍ ଯୋଗୁଁ ହେଉଥିବା ଜଳ ପ୍ରଦୂଷଣ ଅତି ଉତ୍କଟ । ଜଳ ମଧ୍ୟରୁ ଏହି ଅଦୃଶ୍ୟ ମାଇକ୍ରୋପ୍ଲାଷ୍ଟିକ୍ ଧରିବା ନିମନ୍ତେ 'ପ୍ଲାସ୍-ଷ୍ଟିକ୍' ନାମରେ ଗୋଟାଏ ସୁଲଭ ଉପକରଣ ଉଭାବନ କରି ତିନିଜଣ ଭାରତୀୟ ତରୁଣ ଏସିଆ ନିମନ୍ତେ 'ଦି ଆର୍ଥ ପ୍ରାଇଜ୍ ୨୦୨୬' ବିଜୟୀ ହୋଇଛନ୍ତି । ବିବାନ୍ ଛାଓ୍ୱଛାରିୟା, ଆରିୟାନା ଅଗ୍ରଓ୍ୱାଲ୍ ଓ ଅବ୍ୟନା ମେହେଟ୍ଟା ନାମକ ଏ ତିନି ୧୬ ବର୍ଷୀୟ ଛାତ୍ରଛାତ୍ରୀ ତେନ୍ତୁଳିମଞ୍ଜି ଗୁଣ୍ଡରେ ଏହି ଜଳ ବିଶୋଧକ ପ୍ରସ୍ତୁତ କରିଛନ୍ତି । ଅଣୁଜୀବ ଦ୍ୱାରା ବିଘଟିତ ହୋଇପାରୁଥିବା ଏହି ତେନ୍ତୁଳିମଞ୍ଜି ଗୁଣ୍ଡ ଜଳରେ ମିଶିଥିବା ସୂକ୍ଷ୍ମ ମାଇକ୍ରୋପ୍ଲାଷ୍ଟିକ୍ ସବୁକୁ ଏକତ୍ରକରି ବାନ୍ଧି ରଖୁଛି । ତା'ପରେ ଚୁମ୍ବକ ସହାୟତାରେ ସେ ମାଇକ୍ରୋପ୍ଲାଷ୍ଟିକ୍ ଧାରଣ କରି ରଖିଥିବା ତେନ୍ତୁଳିମଞ୍ଜି ଗୁଣ୍ଡକୁ ଅନାୟାସରେ କଢ଼ାଯାଇପାରୁଛି ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ଜୀବନଯାପନ ସମ୍ବନ୍ଧରେ ଅନୁଧ୍ୟାନ କରିବା ଲାଗି ଯାଇଥିବା ବେଳେ ସେମାନେ ଲକ୍ଷ୍ୟ କଲେ ଯେ ସମସ୍ତଙ୍କ ବ୍ୟବହାର ନିମନ୍ତେ ଲୋକେ ବଡ଼ ବଡ଼ ପାତ୍ରରେ ପାନୀୟ ଜଳ ଗଚ୍ଛିତ ରଖୁଛନ୍ତି । ମାଇକ୍ରୋପ୍ଲାଷ୍ଟିକ୍ ପ୍ରବଣ ସେ ଅଞ୍ଚଳରେ ଜଳ ଛାଙ୍କିବା ଅଥବା ବିଶୋଧନ କରିବା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ । ଏମିତି ଦିନେ ବୁଲାବୁଲି କରୁଥିବା ବେଳେ ସେମାନେ ଦେଖିଲେ ଛୁଆଟିଏ ଗୋଟାଏ ପାନୀୟଜଳ ଗଚ୍ଛିତ ପାତ୍ରରୁ ପିଉଛି । ସେଇଠୁ ଏହି ତିନି ଛାତ୍ରଛତ୍ରୀ ସୁଲଭ ମୂଲ୍ୟରେ ଏବଂ ସହଜରେ ଉପଲବ୍ଧ ହେବା ଭଳି ବିକଳ୍ପ ଜଳ ବିଶୋଧକ ବିଷୟରେ ଚିନ୍ତା କଲେ ।

ପରିଶେଷରେ, ତେନ୍ତୁଳିମଞ୍ଜି କଥା ସେମାନଙ୍କ ମଥାରେ ପଶିଲା । ରସ ବାହାର କରି ତେନ୍ତୁଳିମଞ୍ଜି ସବୁ ଫିଙ୍ଗିଦିଆଯାଏ । ସେମାନେ ଜାଣିଥିଲେ ଯେ ବର୍ଜ୍ୟ ହେଲେ ବି ତାହା ଉତ୍ତମ ଜଳ ବିଶୋଧକ ଏବଂ ସହଜଲଭ୍ୟ । କିନ୍ତୁ, ତା'ର ବିଶୋଧନ ପ୍ରକ୍ରିୟା ଆହୁରି ଉନ୍ନତ କରାଯିବା ଆବଶ୍ୟକ ହେଉଥିଲା । ସେଥିପାଇଁ ସେମାନେ ଆଇଆଇଟି -ଗୌହାଟୀସ୍ଥିତ ଗବେଷକମାନଙ୍କ ସହିତ ମିଶି ଗବେଷଣା ଚଳାଇଲେ ଏବଂ ସଫଳ ମଧ ହେଲେ । ସଚେତନତା ଓ ଡେମୋନ୍‌ଷ୍ଟ୍ରେସନ୍ ପ୍ରୋଗ୍ରାମ୍ ଜରିଆରେ ସେମାନଙ୍କର ଏହି ପ୍ରକଳ୍ପ ୮୦୦୦ରୁ ଅଧିକ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ନିକଟରେ ପହଞ୍ଚିସାରିଛି ।



# ଚର୍ଚ୍ଚାରେ କନ୍ଧମାଳର ରୋଡ୍ ମ୍ୟାନ୍, ପଥର ହଟାଇ ଗାଁକୁ କଲେ ରାସ୍ତା

*ଆପଣ ବିହାର ଗୟାର ମାଉଣ୍ଟେନ୍ ମ୍ୟାନ ଦଶରଥ ମାଂଝି ଏବଂ କେନ୍ଦୁଝର ଦୈତାରୀ ନାଏକଙ୍କ କଥା ତ ଶୁଣିଥିବେ। ପାହାଡ଼ର ଛାତିକୁ ଚିରି କିଏ ପ୍ରଶସ୍ତ ରାସ୍ତା ତିଆରି କରିଥିଲେ ତ ଆଉ କିଏ ଟାଙ୍ଗରା ଭୂଇଁକୁ ପାଣି ଯୋଗାଇଥିଲେ।*



ପତଳା, ଏକପ୍ରକାର ଜୀର୍ଣ୍ଣଶୀର୍ଣ୍ଣ ଶରୀର। ଦେହରେ ବଳ ନାହିଁ କହିଲେ ଚଳେ। କିନ୍ତୁ ମନରେ ଅଛି ପ୍ରଚୁର ସାହସ ଏବଂ ଦମ୍ଭ। ପ୍ରଶାସନିକ ବିଧି ବ୍ୟବସ୍ଥାକୁ ମୁଣ୍ଡ ନୁଆଁଇ ଦେବାର ତାକତ ଅଛି ଏହି ମଣିଷ ପାଖରେ। ଯେ ମାଉଣ୍ଟେନମ୍ୟାନ୍ କୁହାଯାଉଥିବା ବିହାର ଗୟାର ନା ଦଶରଥ ମାଂଝି ନା କେନ୍ଦୁଝରର ଦୈତାରୀ ନାୟକ। ଯେ କନ୍ଧମାଳ କେ.ନୂଆଗାଁ ବ୍ଲକ ଗାନ୍ଧିଙ୍ଗିଆ ପଞ୍ଚାୟତ ଡାମିକିଆ ଗାଁର ପବିତ୍ର ମୋହନ ପ୍ରଧାନ। ଆଜି ଯାହା କରିଦେଲେ ଗାଁ ପାଇଁ ମୁଣ୍ଡ ନୁଆଉଛି ପ୍ରଶାସନ, କୃତଜ୍ଞତା ଜଣାଉଛନ୍ତି ଗାଁ ଭାଇ। ସବୁଆଡୁ ଛୁଟୁଛି ସାବାସୀର ସୁଅ। କାରଣ ରାସ୍ତା ଖଣ୍ଡେ ନଥିଲା ବୋଲି ଅମଡ଼ା ବାଟ ସାଜିଥିଲା ଡାମିକିଆ ଗାଁ ଇଲାକା। ସେହି ଯନ୍ତ୍ରଣାରେ ଜଡ଼ସଡ଼ ପବିତ୍ର ଶେଷରେ ନିଜ ଉଦ୍ୟମରେ ତିଆରି କରିଦେଲେ ରାସ୍ତା। ଦେଖାଇଲେ ନୂଆ ରାହା।

ପବିତ୍ର ମୋହନ ପ୍ରଧାନ। ଚାଷବାସ କରନ୍ତି, ସେହି ଚାଷବାସରେ ପରିବାର ଚଳାନ୍ତି। ଗାଁର ମାଜୁକାରୀ ସାହିକୁ ଭଲ ରାସ୍ତା ଖଣ୍ଡେ ନଥିଲା ବୋଲି କ୍ଷେତବାଡ଼ିକୁ ଏମିତି ଆବଡ଼ା ଖାବଡ଼ା ସହ ପଥର ଖଣ୍ଡ ଦେଇ ଯା'ଆସ କରୁଥିଲେ ଡାମିକିଆ ଗାଁ ଲୋକେ। ବର୍ଷା ଆସିଲେ କେତେ ଯେ ଦହଗଞ୍ଜ ହେବାକୁ ପଡୁଥିଲା ମାଜୁକାରୀ ସାହିର ୬ ପରିବାରକୁ, ତାହା ଯିଏ ଭୋଗିଛି, ସିଏ ଜାଣିଛି। ରାସ୍ତା ଖଣ୍ଡେ ପାଇଁ ପ୍ରଶାସନକୁ ଅନେକ ଥର ନିବେଦନ ବି କରାଯାଇଛି, କିନ୍ତୁ ସମସ୍ତେ ଅଣଦେଖା କରିବାରୁ ଶେଷରେ ଦେବଦୂତ ସାଜିଥିଲେ ପବିତ୍ର। ଆଉ ନିଜ ପରିବାର ପାଇଁ ସାଇତି ରଖିଥିବା ୪୦ କ୍ୱିଣ୍ଟାଲ ଧାନ ବିକି ଭଡ଼ାରେ ଆଣିଥିଲେ ଜେସିବି। ଆଉ ୯୦ ହଜାର ଟଙ୍କା ଖର୍ଚ୍ଚ କରି ଏକ କିଲୋମିଟର ଯାଏଁ ନିର୍ମାଣ କଲେ ରାସ୍ତା।

ତେବେ ରାସ୍ତା ପାଇଁ ଗାଁ ଲୋକଙ୍କ ନିବେଦନ ସତ୍ତ୍ୱେ କାହିଁକି ଦୀର୍ଘ ଦିନ ଧରି କୌଣସି ପଦକ୍ଷେପ ନେଇନଥିଲା ପ୍ରଶାସନ ଏ ସଂପର୍କରେ କ.ନୂଆଗାଁ ବ୍ଲକ ବିଡ଼ିଓ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ। ତେବେ ସେ ଯାହା ବି ହେଉ, ପବିତ୍ର ମୋହନ ପ୍ରଧାନଙ୍କ ଏଭଳି ଉଦ୍ୟମ ଆଜି ଅଞ୍ଚଳବାସୀଙ୍କ ମୁହଁରେ ଫୁଟାଇଛି ହସ।

## ଚର୍ଚ୍ଚାରେ ରାଜଧାନୀର ଲବଣୀ ଜେଜେଙ୍କ ଚାହା

# ୧୦୬ ବର୍ଷରେ ବି ଚଳଚଞ୍ଚଳ



ଯିଏ ୧୦୬ ବର୍ଷର ଗଜା ଟୋକା। ନାଁ ଲବଣୀ ବେହେରା। ପରିଣତ ବୟସରେ ବି ଚଳଚଞ୍ଚଳ, ନା ବୟସ ଗ୍ରାସିଛି ନା ମରିଛି ତାଙ୍କ ଇଚ୍ଛା। ପ୍ରଚଣ୍ଡ ସ୍ୱାଭିମାନ ଭିତରେ ସରକାରୀ ସହାୟତାର ଲୋଭ ନାହିଁ କି ପରିବାର ଭରସାରେ ଚଳୁନାହାଁନ୍ତି। ଏ ବୟସରେ ବି ସେ ଚା' ଦୋକାନ କରି ରୋଜଗାର କରୁଛନ୍ତି। ପଚାରିଲେ କୁହନ୍ତି, ଜୀବନ ଥିବା ଯାଏଁ ଖଟିବି ଖାଇବି। କାହାକୁ ହାତ ପତାଇବିନି।

ଦମ୍ଭ ଅଛି, ଧୈର୍ଯ୍ୟ ଅଛି। ମନୋବଳ ଟାଣ ଅଛି... ଆମ ଆଖିକୁ ସିନା ବୟସ୍କ ଦେଖାଯାଉଛନ୍ତି... ହେଲେ ସେ କିନ୍ତୁ ଆଜି ବି ଟୋକା, ଭେଣ୍ଡିଆ... ଯୁବକ... ଯାହାଙ୍କ ବୟସ ୧୦୬ ବର୍ଷ। ୧୦୬ ବର୍ଷର ଏହି ଭେଣ୍ଡିଆ ଜଣଙ୍କ ହେଉଛନ୍ତି ଲବଣୀ ବେହେରା। ଠିକଣା ଭୁବନେଶ୍ୱର ଗାଡ଼କଣ। ଆପଣ ଯେତେବେଳେ ବି ଗାଡ଼କଣକୁ ଯିବେ, ଏହି ରାଣୀ ଓମଫେଡ୍ ଷ୍ଟଲରେ ତାଙ୍କୁ ପାଇବେ। କପେ ଚା'ପିଇବେ ତାଙ୍କ ହାତରୁ, ଆପଣଙ୍କ ମନ ବି ତାଜା ହୋଇଯିବ।

ତାଙ୍କ କଥା ଶୁଣି ଆପଣଙ୍କ ଭିତରେ ବି ବଢ଼ିବ ଆତ୍ମ ବିଶ୍ୱାସ। କାରଣ ଏ ବୟସରେ ଚଳଚଞ୍ଚଳ ଲବଣୀ। ଚମ ଧୁଡୁଧୁଡୁ ହୋଇଗଲାଣି। ହାତ ଥରୁଛି। କହିଲା ବେଳେ ଅସ୍ପଷ୍ଟ ଶୁଭୁଛି କଥା। କିନ୍ତୁ ଭୋର୍ ୩ଟାରେ ବିଛଣା ଛାଡ଼ନ୍ତି। ନିତ୍ୟକର୍ମ ସହ ପୂଜାପାଠ ସାରି ଦୋକାନ ଖୋଲନ୍ତି। କେବେ ରାତି ୯ ତ କେବେ ରାତି ୧୦ରେ ବନ୍ଦ କରନ୍ତି। ଆଜିକୁ ୪୦ ବର୍ଷ ହେଲା, ଏଭଳି ରୋଜଗାର ଭିତରେ କେବେ ଥକିଯାଇନାହାଁନ୍ତି ଲବଣୀ।

ସାନ ନାତୁଣି ରାଣୀ ନାଁରେ ଷ୍ଟଲ୍ କରି ଚାହା ବ୍ୟବସାୟ କରିଆସୁଛନ୍ତି ଗାଡ଼କଣରେ। ୧୪ ବର୍ଷ ତଳେ ପତ୍ନୀକୁ ହରାଇଛନ୍ତି। ୪ ଝିଅ ଓ ଜଣେ ପୁଅର ବାହାଘର ବି କରିସାରିଛନ୍ତି। କିନ୍ତୁ କାହା ପାଖରେ ରୁହନ୍ତିନି। ଏହି ଦୋକାନ ହିଁ ତାଙ୍କ ଠିକଣା। ଅବଶ୍ୟ ପୁଅ ବୋହୂ ଖାଇବା ପଠାନ୍ତି ତାଙ୍କ ପାଖକୁ।

## ରାତ୍ରି ଜଗୁଆଳରୁ ଆଇଆଇଏମ୍‌ର ଆସିଷ୍ଟାଣ୍ଟ ପ୍ରଫେସର



**ନୂଆଦିଲ୍ଲୀ:** ପ୍ରବଳ ଇଚ୍ଛାଶକ୍ତି ଥିଲେ ପ୍ରତିବନ୍ଧକ ସଫଳତାକୁ ଅଟକାଇପାରି ନଥାଏ । ପ୍ରାଥମିକ ଜୀବନର ସାଧନା ପରବର୍ତ୍ତୀ ସମୟରେ ସିଦ୍ଧିରେ ପରିଣତ ହୋଇଥାଏ । ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି କେରଳର ୨୮ ବର୍ଷିୟ ଯୁବକ ରଂଜିତ ରାମଚନ୍ଦ୍ରନ । ରାତ୍ରି ଜଗୁଆଳି ଭାବେ କାମ କରିଥିବା ରଂଜିତଙ୍କର ପାଠପଢ଼ା ପ୍ରତି ଏତେ ଆଗ୍ରହ ଥିଲା ଯେ କୌଣସି ପ୍ରତିବନ୍ଧକ ତାଙ୍କୁ ଶିକ୍ଷାରୁ ନିବୃତ୍ତ କରିପାରି ନଥିଲା । ଜୀବନରେ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ସେ ପ୍ରଥମେ କଲେଜ ଏବଂ ପରେ ଆଇଆଇଟି ମାଡ୍ରାସ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପାଠପଢ଼ି ଏବେ ସେ ଆଇଆଇଏମ୍ ରାଞ୍ଚିର ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି । ରାମଚନ୍ଦ୍ରନଙ୍କ ଜୀବନରେ ସଂଘର୍ଷମୟ ଯାତ୍ରା ଏବେ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି । କେରଳରେ ଏକ ଅତ୍ୟନ୍ତ ଗରିବ ପରିବାରରେ ରଂଜିତ ଜନ୍ମ ହୋଇଥିଲେ । ମୁଣ୍ଡ ଗୁଞ୍ଜିବା ପାଇଁ ତାଙ୍କର ଏକ ନୂଆଣିଆ ଟାଇଲ୍ ଛପର ଘର ଥିଲା । କିନ୍ତୁ ସେ ଘରର ଅବସ୍ଥା ଏଭଳି ଯେ ବର୍ଷା ହେଲେ ପାଣି ପଶିଯାଏ । ବର୍ଷାରୁ ରକ୍ଷା ପାଇବା ପାଇଁ ଘରର ଉପରେ ସେ ପଲିଥିନ୍ ବିଛାଇଥିଲେ । ତାଙ୍କ ଜୀବନର ସଂଘର୍ଷ ଏବଂ ସଫଳତା ସମ୍ପର୍କରେ ସେ ସାମାଜିକ ଗଣମାଧ୍ୟମରେ ନିଜେ ପୋଷ୍ଟ କରିଛନ୍ତି । ଟାଇଲ ଏବଂ ପଲିଥିନ୍ ବିଛାଯାଇଥିବା ସେହି ନୂଆଣିଆ ଘର ସହିତ ତାଙ୍କ ଫଟୋକୁ ସେ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି । ଏହା ପରେ ତାହା ଭାଇରାଲ ହେବାରେ ଲାଗିଛି । ଏପରିକି କେରଳ ଅର୍ଥମନ୍ତ୍ରୀ ବି ଏମ୍ ଥୋମାସ୍ ଆଇଜାକ୍ ମଧ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରଂଜିତ କେରଳର କାସାରଗଡ଼ ଜିଲ୍ଲାର ପାନାଥୁରଠାରେ ବିଏସ୍ଏନ୍ଏଲ୍ ଟେଲିଫୋନ୍ ଏକ୍ସଚେଞ୍ଜରେ ରାତ୍ର ଜଗୁଆଳ ଭାବେ କାମ କରୁଥିଲେ । ସେହି ସମୟରେ ସେ ସହରର ପାୟସ ଟେନ୍ଥ କଲେଜରେ ଅର୍ଥନୀତି ବିଭାଗରେ ନାମ ଲେଖା ପାଠ ପଢ଼ା ଆରମ୍ଭ କରିଥିଲେ । ରାତିରେ କାମ କରୁଥିବାବେଳେ ଦିନବେଳା କଲେଜକୁ ପଢ଼ିବା ପାଇଁ ଯାଉଥିଲେ । ଅର୍ଥନୀତି (ସମ୍ମାନ)ରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ସେ ଆଇଆଇଟି ମାଡ୍ରାସରେ ନାମ ଲେଖାଇଲେ । କିନ୍ତୁ ସେ କେବଳ ମାଲାୟଲମ ଭାଷା ଜାଣିଥିବାରୁ ଆଇଆଇଟି ମାଡ୍ରାସରେ ପଢ଼ିବା ପାଇଁ ତାଙ୍କୁ ବହୁ ଅସୁବିଧା ହେଉଥିଲା । ଏଥିରେ ସେ ହତୋତ୍ସାହିତ ହୋଇ ପିଏଚ୍‌ଡ଼ି ଛାଡ଼ି ଦେବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ତାଙ୍କ ଗାଇଡ୍ ତାଙ୍କୁ ଏଭଳି ନିଷ୍ପତ୍ତି ନନେବା ପାଇଁ କହିଥିଲେ । ଏହାପରେ ସେ ସଂଘର୍ଷ କରି ନିଜର ସ୍ୱପ୍ନ ପୂରଣ ପାଇଁ ପରିକରବଦ୍ଧ ହୋଇଥିଲେ । ଗତବର୍ଷ ସେ ତାଙ୍କର ପିଏଚ୍ ଡ଼ି ସାରିବା ପରେ ବେଙ୍ଗାଲୁରୁର ଖ୍ରୀଷ୍ଟ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ । ଏବେ ସେ ଆଇଆଇଏମ୍ ରାଞ୍ଚିରେ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି । ରଂଜିତ ଲେଖିଛନ୍ତି ତାଙ୍କ ବାପା ଜଣେ ଦରଜୀ ଏବଂ ମାଆ ଏମ୍‌ଜିଏନ୍‌ଆରଇଜିଏସ୍ ଦିନ ମଜୁରୀଆ ଭାବେ କାମ କରନ୍ତି । ଶିକ୍ଷାକୁ ଅସ୍ତ୍ର କରି ରଂଜିତ ଯେଉଁ ସଂଗ୍ରାମ କରିଥିଲେ ତାହା ତାଙ୍କୁ ଆଜି ସାମାଜିକ ଓ ଅର୍ଥନୈତିକ ଅନଗ୍ରସରତାରୁ ମୁକ୍ତ କରିପାରିଛି ଏବଂ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।




*ଏହି ଗାଁର ପ୍ରାୟ ୧୫୦ ପରିବାର ମଧ୍ୟରୁ ୧୨୫ ପରିବାରର ଚୁଲି ସିଧାସଳଖ ବାୟୋଗ୍ୟାସ୍ ପ୍ଲାଣ୍ଟ ସହିତ ସଂଯୁକ୍ତ। ସକାଳ ଏବଂ ସନ୍ଧ୍ୟାରେ ତିନି ଘଣ୍ଟା ପାଇପଲାଇନ୍ ଯୋଗାଣ ଏଠାକାର ଗୃହିଣୀମାନଙ୍କ ଜୀବନରେ ଆନନ୍ଦ ଆଣିଦେଇଛି।*

# ୧୨୫ ପରିବାର ଆପଣେଇଛନ୍ତି ଏହି ଟେକ୍ନୋଲୋଜି

ବିଶ୍ୱ ଯୁଦ୍ଧ ଏବଂ ଆକାଶଛୁଆଁ ଏଲ୍‌ପିଜି ମୂଲ୍ୟ ସମସ୍ତଙ୍କ ରୋଷେଇ ଘରକୁ ପ୍ରଭାବିତ କରିଛି। କିନ୍ତୁ ଭାରତରେ ଏମିତି ଏକ ଗାଁ ଅଛି ଯେଉଁଠି ଏହାର ଟିକିଏ ବି ପ୍ରଭାବ ପଡିଛି। ଆରାମରେ ଜଳୁଛି ଚୁଲି ଆଉ ଭରୁଛି ପେଟ। ଯେତେବେଳେ ସହରବାସୀ ଗ୍ୟାସ ସିଲିଣ୍ଡର ପାଇଁ ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି, ଉତ୍ତର ପ୍ରଦେଶର ଚନ୍ଦୌଲି ଜିଲ୍ଲାର ଏକୌନି ଗାଁର ୧୨୫ ପରିବାର ଗୋବରରୁ ଗ୍ୟାସ ବ୍ୟବହାର କରି ସ୍ୱାଦିଷ୍ଟ ଖାଦ୍ୟ ରାନ୍ଧୁଛନ୍ତି।

ଏହି ଗାଁର ପ୍ରାୟ ୧୫୦ ପରିବାର ମଧ୍ୟରୁ ୧୨୫ ପରିବାରର ଚୁଲି ସିଧାସଳଖ ବାୟୋଗ୍ୟାସ୍ ପ୍ଲାଣ୍ଟ ସହିତ ସଂଯୁକ୍ତ। ସକାଳ ଏବଂ ସନ୍ଧ୍ୟାରେ ତିନି ଘଣ୍ଟା ପାଇପଲାଇନ୍ ଯୋଗାଣ ଏଠାକାର ଗୃହିଣୀମାନଙ୍କ ଜୀବନରେ ଆନନ୍ଦ ଆଣିଦେଇଛି।

ଏହି ସମ୍ପୂର୍ଣ୍ଣ ଅଭିଯାନ ପଛର ମସ୍ତିଷ୍କ ହେଉଛନ୍ତି ଗାଁର ବାସିନ୍ଦା ଚନ୍ଦ୍ର ପ୍ରକାଶ ସିଂହ। ଭୋପାଳରୁ ବି.ଟେକ୍ ଶେଷ କରିବା ପରେ, ସେ ତାଙ୍କ ବାପାଙ୍କ ଗୋଶାଳାକୁ ସମ୍ଭାଳିବା ନେଇ ଚାକିରି ଛାଡି ଦେଇଥିଲେ। ଯେଉଁଠାରେ ପୂର୍ବରୁ କେବଳ ୫୦ଟି ଗାଈ ଥିଲେ, ଆଜି ୨୦୦ଟି ଅଛନ୍ତି। ଦୈନିକ ବାହାରୁଥିବା ୩୦୦୦ କିଲୋଗ୍ରାମ ଗୋବରରେ କ'ଣ କରାଯିବ ପ୍ରଶ୍ନ ବାୟୋଗ୍ୟାସ୍ ପ୍ଲାଣ୍ଟର ମୂଳଦୁଆ ପାଲଟିଥିଲା। ୨୦୨୨ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଏବେ ଗାଁର ଜୀବନରେଖା ପାଲଟିଛି। ଗ୍ରାମବାସୀ କୁହନ୍ତି ଯେ ସେମାନଙ୍କୁ ଆଉ ଧାଡ଼ିରେ ଅପେକ୍ଷା କରିବାକୁ ପଡୁ ନାହିଁ କି ମହଙ୍ଗା ସିଲିଣ୍ଡରର ବୋଝ ବହନ କରିବାକୁ ପଡୁ ନାହିଁ। ଏହି ବାୟୋଗ୍ୟାସ୍ କେବଳ ଶସ୍ତା ନୁହେଁ, ବରଂ ଏହାର ମୂଲ୍ୟ ଏଲପିଜି ତୁଳନାରେ ପ୍ରାୟ ଅଧା। ଆର୍ଥିକ ସଞ୍ଚୟ ସହିତ, ଏହା ଗ୍ରାମବାସୀଙ୍କୁ ଆତ୍ମନିର୍ଭରଶୀଳ କରିଦେଇଛି। ଏକୌନି ଗାଁର ଏହି ମଡେଲ୍ ଆଜିର ସମୟରେ ଜୀବନରେଖାଠାରୁ କମ୍ ନୁହେଁ। ଚନ୍ଦ୍ର ପ୍ରକାଶଙ୍କ ଏହି ଷ୍ଟେପ୍ ପ୍ରମାଣିତ କରିଦେଇଛି ଯେ ଭଲ ଉଦ୍ଦେଶ୍ୟ ଏବଂ ଟେକ୍ନୋଲୋଜୀର ପ୍ରୟୋଗରେ, ଗାଁର ଗୋବର ମଧ ସୁନା ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ।

ସେ କୁହନ୍ତି, 'ଆବଶ୍ୟକତା ହେଉଛି ଉଭାବନର ଜନନୀ,' ଏବଂ ଏକୌନି ଗ୍ରାମ ଏହାକୁ ସତ୍ୟ ବୋଲି ପ୍ରମାଣିତ କରିଛି। ଯେତେବେଳେ ସମଗ୍ର ବିଶ୍ୱ ଗ୍ଲୋବାଲ୍ ଶକ୍ତି ସଙ୍କଟ ସହିତ ସଂଘର୍ଷ କରୁଛି, ସେତେବେଳେ ଚାନ୍ଦୌଲିର ଏହି ଛୋଟ ଗାଁ ପ୍ରେରଣାର ଏକ ପ୍ରମୁଖ ଉଦାହରଣ ପାଲଟିଛି।

# କଲମ ହେଉଛି ଶକ୍ତି, ସାହିତ୍ୟ ହେଉଛି ପରିଚୟ

# ରାମେଶ୍ୱରୀଙ୍କ ସୃଜନଶୀଳ ଯାତ୍ରା



"କଲମ ହେଉଛି ମୋର ଶକ୍ତି, ସାହିତ୍ୟ ହେଉଛି ମୋର ପରିଚୟ ଓ ସୃଜନଶୀଳତା ହେଉଛି ମୋର ଜୀବନ।" ଏହି ଉକ୍ତିକୁ ନିଜ ଜୀବନର ମୂଳମନ୍ତ୍ର କରି ଲେଖାଲେଖି କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ରାମେଶ୍ୱରୀ । ଜଣେ ପ୍ରତିଷ୍ଠିତ ଲେଖିକା ଭାବେ ଓଡ଼ିଶାର ସାହିତ୍ୟ ଓ ଯାତ୍ରା ଜଗତରେ ସେ ବେଶ୍ ପରିଚିତ। ତାଙ୍କ ପାଇଁ ଲେଖାଲେଖି କେବଳ ପେଶା ନୁହେଁ; ଏହା ତାଙ୍କ ଜୀବନ, ପରିଚୟ ଓ ଆବେଗର ଏକ ଅବିଚ୍ଛିନ୍ନ ଅଂଶ।

କବିତା, ଗଳ୍ପ, ନାଟକ, ଉପନ୍ୟାସଠାରୁ ଆରମ୍ଭ କରି ଚଳଚ୍ଚିତ୍ରର କାହାଣୀ ଲେଖା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନିଜ ସୃଜନଶୀଳ ପ୍ରତିଭାର ପରିଚୟ ଦେଇଆସିଛନ୍ତି ସେ। ବିଶେଷକରି ଓଡ଼ିଶାର ଯାତ୍ରା ଜଗତରେ ତାଙ୍କ ଲେଖନୀର ଛାପ ଦେଖିବାକୁ ମିଳିଛି। ୨୦୨୪ ମସିହାରେ ତାଙ୍କ ରଚିତ ବ୍ଲକବଷ୍ଟର ଯାତ୍ରା ନାଟକ 'ରଙ୍ଗବଜାରର ରଙ୍ଗ ନାୟିକା' ଶିବାନୀ ଗଣନାଟ୍ୟ ଦ୍ୱାରା ପରିବେଷିତ ହୋଇ ଦର୍ଶକଙ୍କ ଭଲପାଇବା ଓ ଆଶୀର୍ବାଦ ହାସଲ କରିଥିଲା। ଚଳିତ ବର୍ଷ ମଞ୍ଚସ୍ଥ ହୋଇଥିବା 'ଅଭିମାନିନୀ ମୁଁ ଅଳକାନନ୍ଦା' ମଧ୍ୟ ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି। ପ୍ରସିଦ୍ଧ କୋଣାର୍କ ଗଣନାଟ୍ୟ ଭଳି ଯାତ୍ରା ଅନୁଷ୍ଠାନ ଦ୍ୱାରା ଏହି ନାଟକ ପରିବେଷିତ ହୋଇ ତାଙ୍କ ସୃଜନଶୀଳ ଦକ୍ଷତାକୁ ଆହୁରି ଉଜ୍ଜ୍ୱଳ କରିଛି।

ଯାତ୍ରା ନାଟକରେ ସଫଳତା ପରେ ରାମେଶ୍ୱରୀ ଚଳଚ୍ଚିତ୍ର ଜଗତ ପାଇଁ ମଧ୍ୟ ଲେଖାଲେଖି କରୁଛନ୍ତି। ଏଥିସହ ଉପନ୍ୟାସ ରଚନା ମାଧ୍ୟମରେ ସାହିତ୍ୟ ଜଗତରେ ଆହୁରି ଏକ ନୂଆ ପରିଚୟ ସୃଷ୍ଟି କରିବାର ପ୍ରୟାସ ଜାରି ରଖିଛନ୍ତି। ଅପେକ୍ଷାକୃତ କମ୍ ବୟସରେ ଲେଖନୀ ଜଗତରେ ଏଭଳି ସଫଳତା ହାସଲ କରି ରାମେଶ୍ୱରୀ ନୂଆ ପିଢ଼ିର ସୃଜନଶୀଳ ଲେଖିକା ଭାବେ ନିଜର ସ୍ୱତନ୍ତ୍ର ସ୍ଥାନ ଗଢ଼ିପାରିଛନ୍ତି।

*"କଲମ ହେଉଛି ମୋର ଶକ୍ତି, ସାହିତ୍ୟ ହେଉଛି ମୋର ପରିଚୟ ଓ ସୃଜନଶୀଳତା ହେଉଛି ମୋର ଜୀବନ।" ଏହି ଉକ୍ତିକୁ ନିଜ ଜୀବନର ମୂଳମନ୍ତ୍ର କରି ଲେଖାଲେଖି କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି ରାମେଶ୍ୱରୀ । ଜଣେ ପ୍ରତିଷ୍ଠିତ ଲେଖିକା ଭାବେ ଓଡ଼ିଶାର ସାହିତ୍ୟ ଓ ଯାତ୍ରା ଜଗତରେ ସେ ବେଶ୍ ପରିଚିତ। ତାଙ୍କ ପାଇଁ ଲେଖାଲେଖି କେବଳ ପେଶା ନୁହେଁ; ଏହା ତାଙ୍କ ଜୀବନ, ପରିଚୟ ଓ ଆବେଗର ଏକ ଅବିଚ୍ଛିନ୍ନ ଅଂଶ।*



ତାଙ୍କ ପ୍ରତ୍ୟେକ ସୃଷ୍ଟିରେ ଭାବନା, ସଂସ୍କୃତି, ସମ୍ପର୍କ ଓ ଜୀବନର ବାସ୍ତବତାର ଛବି ପ୍ରତିଫଳିତ ହୁଏ। ତାଙ୍କ ଲକ୍ଷ୍ୟ କେବଳ ଦର୍ଶକ ଓ ପାଠକଙ୍କୁ ମନୋରଞ୍ଜନ କରିବା ନୁହେଁ, ବରଂ ଏମିତି କାହାଣୀ ଓ ସୃଷ୍ଟି ଉପହାର ଦେବା, ଯାହା ମଣିଷର ହୃଦୟକୁ ଛୁଇଁବ ଏବଂ ସମୟର ସୀମା ଡେଇଁ ଦୀର୍ଘଦିନ ଧରି ମନେ ରହିବ। ଲେଖନୀକୁ ଅସ୍ତ୍ର ନୁହେଁ, ସୃଜନର ଶକ୍ତି କରି ରାମେଶ୍ୱରୀଙ୍କ ଏହି ଯାତ୍ରା ଓଡ଼ିଆ ସାହିତ୍ୟ ଓ ମନୋରଞ୍ଜନ ଜଗତ ପାଇଁ ନିଶ୍ଚିତ ଭାବେ ଏକ ଆଶାଜନକ ଅଧ୍ୟାୟ।



# ଅଭିନୟର ଯାଦୁରେ ଓଡ଼ିଶାବାସୀଙ୍କ

# ମନ ଜିଣୁଛନ୍ତି ସୁଚରିତା

*ତାଙ୍କ ଅଭିନୟ ଯାତ୍ରାର ଆରମ୍ଭ ଧାରାବାହିକ 'ସିନ୍ଦୁରର ଅଧିକାର'ରୁ ହୋଇଥିଲା। ଏହି ଧାରାବାହିକରେ ସେ ମୁଖ୍ୟ ଭୂମିକାରେ ନଜର ଆସି ଦର୍ଶକଙ୍କ ନଜରକୁ ଆସିଥିଲେ। ଏହାପରେ ତାଙ୍କୁ ଆଉ ପଛକୁ ଚାହିଁବାକୁ ପଡ଼ିନଥିଲା। ଅଭିନୟ ସହିତ ୫୦ରୁ ଅଧିକ ଆଲବମ୍ ଗୀତରେ ଅଭିନୟ କରି ସେ ଓଡ଼ିଆ ମନୋରଞ୍ଜନ ଜଗତରେ ଚର୍ଚ୍ଚାକୁ ଆସିଥିଲେ।*

ଗତ ୭ ବର୍ଷ ଧରି ନିଜର ଅଭିନୟ ପ୍ରତିଭା ଓ ଆକର୍ଷଣୀୟ ଅଭିନୟରେ ଓଡ଼ିଶାବାସୀଙ୍କୁ ମତୁଆଲା କରିଆସୁଛନ୍ତି ଅଭିନେତ୍ରୀ ସୁଚରିତା ସ୍ୱାଇଁ। ଅଭିନୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବା ସହ ନିଜ ପ୍ରତିଭା ଦ୍ୱାରା ଦର୍ଶକଙ୍କ ମନରେ ସ୍ଥାନ ସୃଷ୍ଟି କରିପାରିଛନ୍ତି ସୁଚରିତା।

ତାଙ୍କ ଅଭିନୟ ଯାତ୍ରାର ଆରମ୍ଭ ଧାରାବାହିକ 'ସିନ୍ଦୁରର ଅଧିକାର'ରୁ ହୋଇଥିଲା। ଏହି ଧାରାବାହିକରେ ସେ ମୁଖ୍ୟ ଭୂମିକାରେ ନଜର ଆସି ଦର୍ଶକଙ୍କ ନଜରକୁ ଆସିଥିଲେ। ଏହାପରେ ତାଙ୍କୁ ଆଉ ପଛକୁ ଚାହିଁବାକୁ ପଡ଼ିନଥିଲା। ଅଭିନୟ ସହିତ ୫୦ରୁ ଅଧିକ ଆଲବମ୍ ଗୀତରେ ଅଭିନୟ କରି ସେ ଓଡ଼ିଆ ମନୋରଞ୍ଜନ ଜଗତରେ ଚର୍ଚ୍ଚାକୁ ଆସିଥିଲେ।

ଧାରାବାହିକ ବ୍ୟତୀତ ଟେଲିଫିଲ୍ମ ଓ ବିଭିନ୍ନ ଭୂମିକାରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ସୁଚରିତା। ଭିନ୍ନ ଭିନ୍ନ ଚରିତ୍ରକୁ ନିଜ ଅଭିନୟ ମାଧ୍ୟମରେ ଜୀବନ୍ତ କରିବା ତାଙ୍କର ବିଶେଷତ୍ୱ। ପରଦାରେ ତାଙ୍କର ସ୍ୱାଭାବିକ ଅଭିନୟ ଓ ଭାବପ୍ରକାଶ ଦର୍ଶକଙ୍କୁ ଆକର୍ଷିତ କରିଆସିଛି। ତେବେ ସୁଚରିତାଙ୍କ ସଫଳତା କେବଳ ଅଭିନୟରେ ସୀମିତ ନୁହେଁ। ଅଭିନୟ ସହିତ ନିଜର ପାଠପଢ଼ାକୁ ମଧ୍ୟ ସେ ସମାନ ଗୁରୁତ୍ୱ ଦେଉଛନ୍ତି। ନିଜ ଭବିଷ୍ୟତକୁ ନେଇ ସଚେତନ ଥିବା ସୁଚରିତା ନିଟ୍ ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତି ଜାରି ରଖିଛନ୍ତି। ଅଭିନୟ ଓ ଶିକ୍ଷା—ଉଭୟକୁ ସାଥୀ କରି ଆଗକୁ ବଢ଼ିବା ତାଙ୍କର ଲକ୍ଷ୍ୟ।

ଏଥିସହ ନିଜ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସେ ବେଶ୍ ଯତ୍ନଶୀଳ। ନିୟମିତ ଜିମ୍ ଯିବା ସହ ଯୋଗାଭ୍ୟାସ କରି ନିଜକୁ ଫିଟ୍ ରଖିବାକୁ ସେ ଗୁରୁତ୍ୱ ଦିଅନ୍ତି। ଅଭିନୟ, ଶିକ୍ଷା ଓ ସ୍ୱାସ୍ଥ୍ୟ—ତିନୋଟି କ୍ଷେତ୍ରରେ ସନ୍ତୁଳନ ରଖି ଆଗକୁ ବଢୁଥିବା ସୁଚରିତା ସ୍ୱାଇଁ ଆଜିର ଯୁବପିଢ଼ି ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ। ଆଗାମୀ ଦିନରେ ଅଭିନୟ ସହ ଶିକ୍ଷା କ୍ଷେତ୍ରରେ ମଧ୍ୟ ସେ ନୂଆ ସଫଳତା ହାସଲ କରିବେ ବୋଲି ଦର୍ଶକ ଓ ଶୁଭେଚ୍ଛୁମାନେ ଆଶା ରଖିଛନ୍ତି।



# ଗଲ୍ ଟେଷ୍ଟ: ସୂଥାରଙ୍କୁ ୧୦ୱିକେଟ୍; ଟେଷ୍ଟରେ ଭାରତ ବିଜୟୀ

**ଗଲ୍:** ଉଦୀୟମାନ ବାମହାତୀ ସ୍ପିନର ମାନବ ସୂତାରଙ୍କ ଚମକରେ ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଭାରତ ୧-୦ରେ ଆଗୁଆ ହୋଇଯାଇଛି। ଏହି ବିଜୟ ସହ ଭାରତ ନିଜର ୬୦୦ତମ ମାଇଲ୍ ଖୁଣ୍ଟ ଟେଷ୍ଟକୁ ଆହୁରି ସ୍ମରଣୀୟ କରିଛି। ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ସୂଥାରଙ୍କ ୧୦ ୱିକେଟ୍ ସଫଳତା ବଳରେ ଭାରତ ୧୬୫ ରନ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ପାଳିରେ ୪ ୱିକେଟ୍ ନେଇଥିବା ସୂଥାର ଦ୍ୱିତୀୟରେ ୬/୫୫ ସଫଳତା ପାଇବାରୁ ୩୭୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କା ୨୦୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ତେବେ ପ୍ରଥମ ପାଳି ୧୬୭ ଓ ଦ୍ୱିତୀୟରେ ୪୪ ରନ୍ କରିଥିବା ଦେବଦତ୍ତ ପଡ଼ିକଲ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ କଲମ୍ବୋରେ ୨୩ ତାରିଖରୁ ଖେଳାଯିବ। ୮୪/୪ରୁ ଖେଳ ଆରମ୍ଭ କରିଥିବା ଶ୍ରୀଲଙ୍କା ୫୮ ରନ୍ ଯୋଡ଼ିବା ପରେ ଅଧିନାୟକ ଧନଞ୍ଜୟ ଡି'ସିଲ୍‌ଭା (୫୯) ପ୍ୟାଭିଲିୟନ୍ ଫେରିଥିଲେ। ତାଙ୍କୁ ଜାଡ଼େଜା ଆଉଟ୍ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ତାଙ୍କ ପରେ ପରେ ନିରୋଶାନ ଡିକ୍‌ୱାଲ (୧୦)ଙ୍କୁ ପ୍ରସିଦ୍ଧ କୃଷ୍ଣ ପ୍ୟାଭିଲିୟନ୍ ପଠାଇ ଦେଇଥିଲେ। ମଧ୍ୟାହ୍ନ ଭୋଜନ ବେଳୁ ଶ୍ରୀଲଙ୍କା ୧୭୫/୬ କରିଥିଲା। ହେଲେ ଏହାପରେ ଦଳ ୧୦ ଓଭର ଖେଳି ଅବଶିଷ୍ଟ ୪ ୱିକେଟ୍ ହରାଇ ପରାଜୟ ବରଣ କରିଥିଲା। ଦ୍ୱିତୀୟ ଅଧିବେଶନର ଅଷ୍ଟମ ଓଭରରେ ସୂଥାର ୩ ୱିକେଟ୍ ନେଇ ଭାରତର ବିଜୟ ନିଶ୍ଚିତ କରିଥିଲେ। ପ୍ରଥମ ବଲରେ ସୋନାଲ ଦିନୁଶା (୮୪)ଙ୍କୁ ଓ ଦ୍ୱିତୀୟରେ ପବଥ ଜୟସୂରିଆ (୦)ଙ୍କୁ ଆଉଟ୍ କରି ହ୍ୟାଟ୍ରିକ୍ ଆଶା ସଞ୍ଚାର କରିଥିଲେ। ଏହା ହୋଇପାରି ନଥିଲେ ମଧ୍ୟ ଶେଷ ବଲ୍‌ରେ ଲାହିରି କୁମାରାଙ୍କୁ ଆଉଟ୍ କରି ଲଗାତାର ଦ୍ୱିତୀୟ ଟେଷ୍ଟରେ ସୂଥାର ୫ ୱିକେଟ୍ ସଫଳତା ପାଇଥିଲେ। ନିଜର ପରବର୍ତ୍ତୀ ଓଭରରେ କେଶରା ନୱାନ୍ଥା (୨୦)ଙ୍କୁ ୨୪ ବର୍ଷୀୟ ସୂଥାର ପ୍ୟାଭିଲିୟନ୍ ପଠାଇ ଭାରତକୁ ବିଜୟ ଭେଟି ଦେଇଥିଲେ। ଏଥିସହ ସୂଥାର ୨ ଟେଷ୍ଟ ଖେଳି ୨ଥର ଯାକ ୧୦ ୱିକେଟ୍ ନେବାର ଗୌରବ ପାଇଥିଲେ।






Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ